## ୩୫ ମୌଜା ବାଲିଯାତ୍ରା ଲାଗି ବ୍ୟାପକ ପ୍ରସ୍ତୁତି

କୃଷ୍ଣପ୍ରସାଦ, ୧୦।୪(ସମିସ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଦ୍ୱିତୀୟ ବାଲିଯାତ୍ରା ତଥା ପଣାଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । କୃଷ୍ଣପ୍ରସାଦ ବ୍ଲକର ଶ୍ରୀ ଶ୍ରୀ କମଳେଶ୍ୱର ଦେବ ବିଜେ ଦେଉଳପଡ଼ା ତିତିପଠାରେ ଅନୁଷ୍ଠିତ ହେଉଥିବା ଏହି ଦ୍ୱିତୀୟ ବାଲିଯାତ୍ରା ଆସନ୍ତା ୧୩ ତାରିଖଠାରୁ ଆରମ୍ଭ ହୋଇ ୧୭ ତାରିଖ ଯାଏ ଚାଲିବ ବୋଲି ପରିଚାଳନା କମିଟି ସଭାପତି ଡଃ ଅଭିମନ୍ୟୁ ଜେନା, ସମ୍ପାଦକ ମନୋଜ କୁମାର ସାହୁ ପ୍ରକାଶ କରିଛନ୍ତି । ୭୭ ବର୍ଷ ଧରି ହୋଇଆସୁଥିବା ଏହି ଐତିହାସିକ ବାଲିଯାତ୍ରାରେ ୩୫ ମୌଜାର ବିଭିନ୍ନ ଗ୍ରାମରୁ ୧୭ ଠାକୁର ସୁସଜ୍ଜିତ ବିମାନରେ ପାଟପଟୁଆରରେ ଏକତ୍ରିତ ହେବେ । ଏହି ମହା ମିଳନକୁ ଦେଖିବା ପାଇଁ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କଟକ, ନୟାଗଡ଼, ଗଜପତି ଆଦି ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ପ୍ରତିଦିନ ମନୋରଞ୍ଜନ ପାଇଁ ଲୋକନୃତ୍ୟର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟହ ସନ୍ଧ୍ୟାରେ ଆତସବାଜି, ପାରମ୍ପରିକ ସାମରିକ କଳା ପାଇକ ଆଖଡ଼ା, ସଂକୀର୍ତ୍ତନ ପ୍ରତିଯୋଗିତା ହୋଇଥାଏ । ରାତ୍ର ମନୋରଞ୍ଜନ ପାଇଁ ଦୁଇଟି ପ୍ରତିଷ୍ଠିତ ଅପେରା ପାର୍ଟି ନିଜର ନାଟ୍ୟ ପରିବେଷଣ କରିବେ । ଶାନ୍ତି ଶୃଙ୍ଖଳା ଯାତ୍ରାର ସୁରକ୍ଷା ପାଇଁ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆବଶ୍ୟକୀୟ ପୁଲିସ ଫୋର୍ସ ମୁତୟନ କରାଯିବ । ୩୫ ମୌଜା ପରିଚାଳନା କମିଟି ଅଧୀନରେ ହେଉଥିବା ଏହି ଯାତ୍ରାରେ ୧୪୭ ଜଣ ସ୍ଥାୟୀ ସଦସ୍ୟ ବିଭିନ୍ନ ଦାୟିତ୍ୱ ନେଇ ସୁରକ୍ଷା କାର୍ଯ୍ୟ ତୁଲାଇଥାନ୍ତି । ଜନସମାଗମକୁ ଆଖି ଆଗରେ ରଖି ୨୦ଟି ନଳକୂପ ବସା ଯାଇଥିବା ବେଳେ ୪ଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି । ବିଶୃଙ୍ଖଳା ସମ୍ପର୍କରେ ଜାଣିବା ପାଇଁ ଯାତ୍ରା ପଡ଼ିଆର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଛି । ପରିଚାଳନା କମିଟିରେ ଏକ କାର୍ଯ୍ୟ ନିର୍ଘଣ୍ଟ ଏବଂ କେଉଁମାନେ କେଉଁ ଦାୟିତ୍ୱରେ ରହିବେ ତାହା ନିର୍ଦ୍ଧାରଣ କରାଯାଇଛି । ଉକ୍ତ ପଣା ଯାତ୍ରା ମହୋତ୍ସବକୁ ବ୍ଲକ, ଜିଲ୍ଲା, ରାଜ୍ୟ ପ୍ରଶାସନ ସହିତ ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରିତ କରାଯାଇଛି । ବୈଠକରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଆଲୋଚନା କରିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଚାରିଛକ, ୧୦।୪(ସମିସ): ଚାରିଛକ ଥାନା ଅନ୍ତର୍ଗତ ସୁଧବାରିମୂଳ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଗତକାଲି ବିଳମ୍ବିତ ରାତିରେ କେତେକ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଯୁବକଙ୍କ ପତ୍ନୀ ଆଜି ଚାରିଛକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ଜଣାଯାଇଛି ଯେ ସୁଧବାରିମୂଳ ଗ୍ରାମର ଅଜୟ ମଲିକ ଗତକାଲି ରାତିରେ ଘରକୁ ଫେରୁଥିବା ସମୟରେ ସେହି ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ସମେତ ୪ରୁ୫ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ । ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ଫଳରେ ଅଜୟ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ । ପରେ ଯୁବକମାନେ ସେଠାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ ବୋଲି ଅଜୟଙ୍କ ପତ୍ନୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି । ପରିବାର ଲୋକେ ଅଜୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାରକରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମାତ୍ର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରିଛନ୍ତି । ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି ।

ଖେଲାଉର ପାଣି ଟାଙ୍କି ଚାରିପାଖ ପ୍ରାଚୀର ଅର୍ଦ୍ଧନିର୍ମିତ

# ସରୁନି ନିର୍ମାଣ କାର୍ଯ୍ୟ; ଜମୁଛି ନିଶାଡ଼ିଙ୍କ ଆଡ୍ଡା

ଡେଲାଙ୍ଗ, ୧୦।୪(ସମିସ):

ଡେଲାଙ୍ଗ ବ୍ଲକ ଅଧୀନ ଖେଲାଉର ରାମଲିଳା ମଣ୍ଡପ ସନ୍ନିକଟ ପାଣି ଟାଙ୍କି ଉପରେ ଗ୍ରାମର ସମସ୍ତ ସାହି, ବଡ଼ପଡ଼ା, ସାନପଡ଼ା, ବ୍ରହ୍ମପୁର, ଯାଯପୁର ପ୍ରମୁଖ ଗ୍ରାମଗୁଡ଼ିକର ବାସିନ୍ଦା ପିଇବା ପାଣି ପାଇଁ ନିର୍ଭର କରନ୍ତି । ତେବେ ଏହି ପାଣି ଟାଙ୍କିରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ନିଷ୍କ୍ରିୟତା ଝଲସୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର କୋଟିକୋଟି ଟଙ୍କା ବ୍ୟୟ କରି ବସୁଧା ପ୍ରୋଜେକ୍ଟ ଜରିଆରେ କରାଯାଇଥିବା ଓଭରହେଡ୍ ଟାଙ୍କିରୁ ନଳ ଯୋଗେ ଜଳ ଘରେ ଘରେ ପହଞ୍ଚାଇବାର ସୁବ୍ୟବସ୍ଥା କରିଛନ୍ତି । ହେଲେ ଡେଲାଙ୍ଗ ବ୍ଲକ ଖେଲାଉର ମେଳଣ ପଡ଼ିଆ ସନ୍ନିକଟ ପାଣି ଟାଙ୍କିରେ ଏହାର ଚିତ୍ର ସମ୍ପୂର୍ଣ୍ଣ ଓଲଟା । ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ଟାଙ୍କିର କାର୍ଯ୍ୟ ସମାପନ ଘଟିଥିଲେ ମଧ୍ୟ ଅଦ୍ୟାବଧି ତାର ଚାରିପଟ ପ୍ରାଚୀର କାମ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି । ଯାହା ଫଳରେ ଆଖପାଖ ଲୋକେ ପମ୍ପ ହାଉସ ଭିତରକୁ ପ୍ରବେଶ କରିବା ସହିତ ପିନ୍ଧା ଲୁଗା ଶୁଖାଉଥିବା ଓ ଗାଇଗୋରୁ ବାନ୍ଧୁଥିବା ମଧ୍ୟ ଦେଖିବାକୁ ମିଳୁଛି ।



ଏହା ସହିତ ସନ୍ଧ୍ୟା ହେଲେ ପମ୍ପହାଉସ ଭିତରେ ଅସାମାଜିକ ଓ ନିଶାଡ଼ିମାନେ ଆଡ୍ଡା ଜମାଇବା ସହିତ ରାତିରେ ପାଣି ପୂର୍ଣ୍ଣ ଟାଙ୍କିର ଚାବି ଖୋଲିଦେଉଥିବା ହେତୁ ପାଣି ଅନାବଶ୍ୟକ ଭାବେ ରାସ୍ତାରେ ଭାସୁଥିବା ସ୍ଥାନୀୟଲୋକେ ଗତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ।

ସୂଚନା ଥାଉକି ଉକ୍ତ ପାଣିଟାଙ୍କି କାର୍ଯ୍ୟ ସମ୍ପୃକ୍ତ ଠିକାଦାର ସମାପନ କରିବା ପରେ ଅନ୍ୟଜଣେ ଠିକାଦାରଙ୍କୁ ପାନୀୟ ଜଳ ଓ ପରିମଳ ବିଭାଗ ଡେଲାଙ୍ଗ ତରଫରୁ ଚାରିପାଖ ପ୍ରାଚୀର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଥିଲା । ଏଥି ମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଚାରିପଟ ପ୍ରାଚିର କାମ ଅଦ୍ୟାବଧି ସରିନାହିଁ । ଏନେଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି କାଶିନାଥ ସାହୁ କୁହନ୍ତି, ବାରମ୍ବାର ପାନୀୟ ଜଳ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ମଧ୍ୟ କିଛି ସୁଫଳ ନମିଳିବାରୁ ଆମ୍ଭେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲୁ । ତଥାପି ଏହାର କୌଣସି ସମାଧାନ ହୋଇନାହିଁ । ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ମିଶ୍ର କୁହନ୍ତି, ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଲୋକେ ପାନୀୟ ଜଳ ପାଇବାରୁ କିପରି ବଞ୍ଚିତ ନରହିବେ ତାହା ଉପରେ ପ୍ରାଥମିକତା ଦିଆଯାଉଛି । ଯେକୌଣସି ପମ୍ପ ହାଉସ୍‌ର ପ୍ରାଚୀର କାମ ସରିନାହିଁ ସେଗୁଡ଼ିକୁ ନିର୍ବାଚନ ପରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପାନୀୟ ଜଳ ଉପରେ ଯେଉଁ ସବୁ ଅଭିଯୋଗ ଆସୁଛି ତାହା ଆମେ ତୁରନ୍ତ ସମାଧାନ କରୁଛୁ ।

## ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ନିମାପଡ଼ା, ୧୦।୪(ସମିସ): ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ଗଡ଼ଇଟାପୋଖରୀ ଗ୍ରାମରେ ଥିବା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ସହ କୃତୀ ପ୍ରତିଭାମାନଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ କିଶୁନ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ରଥ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଗାନ୍ଧୀ କଲେଜର ଅଧ୍ୟାପକ ବାଦଲ କରନ୍, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଗୋଚ୍ଛାୟତ, ଶିକ୍ଷକ ଚିନ୍ମୟ କୁମାର ମିଶ୍ର, ସମାଜସେବୀ ରଘୁନାଥ ପାତ୍ର, ପୂର୍ବତନ ସମିତିସଭ୍ୟ ଅରକ୍ଷୀତ ଜେନା, ପୂର୍ବତନ ସରପଞ୍ଚ ହରିହର ରାୟ, ନିମାପଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ଆଚାର୍ଯ୍ୟ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ପରିଚାଳନା କମିଟିର ସଭାପତି ସୁକାନ୍ତ କୁମାର ପାତ୍ର, ଉପ-ସଭାପତି ସ୍ନିଗ୍ଧାରାଣୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷାବିତ୍ ସୂର୍ଯ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ହେମ୍ବ୍ରମ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସ୍କୁଲର ବାର୍ଷିକ ବିବରଣୀ ପଠନ କରିଥିଲେ । ଭଲ ପାଠ ପଢ଼ିଲେ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବ ବୋଲି ଅତିଥିମାନେ ପିଲାମାନଙ୍କୁ କହିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଞ୍ଜୟ କୁମାର ପାତ୍ର ଓ ସୁକାନ୍ତ କୁମାର ପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ଶତାଧିକ ଛାତ୍ରଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଚାରିଛକ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଚାରିଛକ/ନୟାହାଟ, ୧୦।୪(ସମିସ): ଚାରିଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଆଜି ବିଂଶତମ ବାର୍ଷିକ ଉତ୍ସବ ଚାରିଛକ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ବିଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡକ୍ଟର କରୁଣା କର ପ୍ରଧାନ, ମୁଖ୍ୟବକ୍ତା ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ସଭାପତି ଡଃ ସନ୍ତୋଷ କୁମାର ମିତ୍ର, ବିଶିଷ୍ଟ ଅତିଥିଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ନିକିଳେଶ ମହାନ୍ତି, ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ପାର୍ବତୀ ଗୋବିନ୍ଦ ସାହିତ୍ୟ ସଂସଦର ସଭାପତି ଶଶୀଧର ପଣ୍ଡା, ବ୍ୟଙ୍ଗକବି ରଞ୍ଜନ କୁମାର ସାହୁ, ପରିଚାଳନା କମିଟିର ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ନାୟକ ପ୍ରମୁଖ ଯୋଗଦେଇ କୁନି କୁନି ପିଲାମାନଙ୍କ ଶିକ୍ଷାର ବିକାଶକୁ ଆଗକୁ ନେବାକୁ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟଅତିଥି ଡଃ ପ୍ରଧାନ ମତବ୍ୟକ୍ତ କରିଥିଲେ । ଏହି ବାର୍ଷିକ ଉତ୍ସବ ଦ୍ୱାରା ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ ହୁଏ ବୋଲି ମୁଖ୍ୟବକ୍ତା ଡଃ. ମିତ୍ର ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଉକ୍ତ ଉତ୍ସବରେ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । ପରେ କୁନି କୁନି ଶିଶୁ ପ୍ରତିଭାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସବୁଜ ଶାଖା ପକ୍ଷରୁ ବିପନ୍ନଙ୍କୁ ସହାୟତା



ଅସ୍ତରଙ୍ଗ, ୧୦।୪(ସମିସ): ଅସ୍ତରଙ୍ଗ ବ୍ଲକ ନାନପୁର ଖଣ୍ଡିବେଲାରୀ ଗ୍ରାମରେ କେଦାର ଲେଙ୍କାଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ୬ ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଧାନ, ରୋଷେଇ ସରଞ୍ଜାମ ଓ ଖାଦ୍ୟ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଏ ସମ୍ପର୍କରେ ଖବର ପାଇ ଅସ୍ତରଙ୍ଗ ଅଞ୍ଚଳର ବହୁ ପୁରାତନ ସାମାଜିକ ଅନୁଷ୍ଠାନ ସବୁଜ ଶାଖାର ଏକ ସ୍ୱତନ୍ତ୍ର ଟିମ୍ ସମାଜସେବୀ ଦିବାକର ଛାଟୋଇ, ସଭାପତି ରମାକାନ୍ତ ବସ୍ତିଆଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କ ପରିବାରକୁ ଭେଟି ୫୦ କିଲୋ ଚାଉଳ, ରାସନ ସାମଗ୍ରୀ, ପଲିଥିନ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ଅଗ୍ନି ବିପନ୍ନ ପରିବାରକୁ ପ୍ରଶାସନ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।



## ପୁଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

ବାଲୁଗାଁ, ୧୦।୪(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ନଜରରେ ରଖି ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ବାଲୁଗାଁ ପୁଲିସ ଉପଖଣ୍ଡ ଅନ୍ତର୍ଗତ ବାଣପୁର, ବାଲୁଗାଁ, ନାଚୁଣୀ ଥାନା ପୁଲିସ ତରଫରୁ ବାଲୁଗାଁ-ବାଣପୁର ବାଇପାସ୍ ଛକ, ବାଲୁଗାଁ ଗାନ୍ଧୀ ଛକ, ବାଣପୁର କଲେଜ ଛକ ଓ ନାଚୁଣୀ ସୁନାଖେଳା ବାଇପାସ୍ ଛକ ଆଦି ସ୍ଥାନରେ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଯାଞ୍ଚ କଡ଼ାକଡ଼ି କରାଯାଇଛି । ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ବାଣପୁର ଥାନା ଅଧିକାରୀ ରମେଶ ଚନ୍ଦ୍ର ଦେବତା ଓ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ସମେତ ୩ ଥାନାର ପୁଲିସ ସାମିଲ ହୋଇ ରାସ୍ତାରେ ଯାଉଥିବା ସମସ୍ତ ଗାଡ଼ିର ଯାଞ୍ଚ କରିଥିଲେ । ବିଶେଷ କରି ମଦ୍ୟପାନ କରି ଗାଡ଼ିଚାଳନା, ଗାଡ଼ି ଭିତରେ ଟଙ୍କା ଚାଲାଣ, ଅସ୍ତ୍ରଶସ୍ତ୍ର ଚାଲାଣ ଓ ବେଆଇନ୍ ମଦ ଚୋରା ଚାଲାଣ ଆଦି ବିଭିନ୍ନ ଅପରାଧିକ ଗତିବିଧିର ପୁଲିସ ତନ ତନ କରି ଯାଞ୍ଚ କରୁଛି ।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କାର୍ଯ୍ୟକାରୀ କମିଟି ବୈଠକ



ନିମାପଡ଼ା, ୧୦।୪(ସମିସ): ନିମାପଡ଼ା ବ୍ଲକ ଚାରିଛକଠାରେ ଥିବା ଜ୍ୟୋତି ହୋଟେଲ ସଭାଗୃହରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପୁରୀ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କାର୍ଯ୍ୟକାରୀ ସଭାପତି ସନାତନ ପାତ୍ରଙ୍କ ସଭାପତିତ୍ୱରେ ଅୟୋଜିତ ବୈଠକରେ ରାଜ୍ୟ ପରିଷଦସଭ୍ୟ ଦେବେନ୍ଦ୍ରନାଥ ସାହୁ, ରାଜ୍ୟ ପରିଷଦସଭ୍ୟ ପ୍ରଦୀପ୍ତ ମହାନ୍ତି, ପୁରୀ ଜିଲ୍ଲା କୃଷକ ସଭାର ସଭାପତି ମନୋରଞ୍ଜନ ପରିଡ଼ା, ପୁରୀ ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ପୂର୍ବତନ ପୁରୀ ଜିଲ୍ଲା ସମ୍ପାଦକ ଗୋଲେଖ ଚନ୍ଦ୍ର ନାୟକ, ପୁରୀ ଜିଲ୍ଲା ଜୋନ୍ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଜିଲ୍ଲା ସହ-ସମ୍ପାଦକ ହରିହର ସେନାପତି, ପୁରୀ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ନିମାପଡ଼ା ବାର୍ ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ବାମନ ଚରଣ ନାୟକ, କାକଟପୁର ଜୋନ୍ ସମ୍ପାଦକ ସୁରେଶ ବିଶ୍ୱାଳ, ନିମାପଡ଼ା ଜୋନ୍ ସମ୍ପାଦକ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଗୋପ ଜୋନ୍ ସମ୍ପାଦକ ପ୍ରସନ୍ନ କୁମାର ଦାଶ, ବ୍ରହ୍ମଗିରି ଜୋନ ସମ୍ପାଦକ ବନମାଳୀ ସାହୁ, ଗୋପ ପୂର୍ବତନ ସରପଞ୍ଚ ପବିତ୍ର ଦାସ, ଶଙ୍କର ପରିଡ଼ା, ପ୍ରକାଶ ବେହେରା ପ୍ରମୁଖ ଯୋଗଦେଇଥିଲେ ।

ଗୋପ ଲୋକ ଉତ୍ସବ ଚତୁର୍ଥ ସନ୍ଧ୍ୟା

# ‘କବିତା’ ଓ ନୃତ୍ୟଗୀତରେ ପ୍ରକମ୍ପିତ ହେଲା କୁଶଭଦ୍ରା ତଟ

ଗୋପ, ୧୦।୪(ସମିସ):

ଶ୍ରୀଗୋପାଳଜୀଉ ସାଗରସ୍ନାନ ମେଳନ ଓ ଗୋପ ଲୋକ ଉତ୍ସବ ଚତୁର୍ଥ ସନ୍ଧ୍ୟାରେ କବିମାନଙ୍କର କବିତା ଓ ଛାତ୍ରଛାତ୍ରୀଙ୍କ ନୃତ୍ୟରେ କୁଶଭଦ୍ରା ତଟ ପ୍ରକମ୍ପିତ ହୋଇଛି । ଉତ୍ସବର ସମ୍ପାଦକ ସତ୍ୟପ୍ରିୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର ଯୋଗଦେଇ ଗୋପ ଲୋକ ଉତ୍ସବରେ କବିମାନଙ୍କ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଯୋଗୁଁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ କୋଣାର୍କ ଐତିହ୍ୟ ପରିଷଦର



ସମ୍ପାଦକ ସଞ୍ଜୟ କୁମାର ବରାଳ, ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ପୁନେଶ କୁମାର ସେନାପତି, ରମାକାନ୍ତ ସାହୁ, ‘ବାନରସେନା’ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, କବୟିତ୍ରୀ ଇତିଶ୍ରୀ ମିଶ୍ର, ସୁଜାତା ସିହ୍ନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କବି ସ୍ନେହଲତା ପରିଡ଼ା, ଜଟାଧାରୀ ବେହେରା, ପ୍ରଭାତ କୁମାର ସାହୁ, ମଧୁସ୍ମିତା ସାହୁ, ବିପିନ୍ ବିହାରୀ ନାୟକ, ସଦାଶିବ ବେହେରା, ଶ୍ୟାମାପ୍ରସାଦ ବୋଷ, ଅନାମ ସାହୁ ପ୍ରମୁଖ ନିଜର ସ୍ୱଲିଖିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନରେନ୍ଦ୍ର ଦାଶ, ପ୍ରମୋଦ ମହାପାତ୍ର, କାର୍ତ୍ତିକ ପ୍ରଧାନ, ବିମ୍ବାଧର ସେନାପତି, ଲକ୍ଷ୍ମୀଧର ସେନାପତି, ଅଭିମନ୍ୟୁ କାଣ୍ଡି, ବିଶ୍ୱରଞ୍ଜନ ମୁଖୀ, ମଙ୍ଗରାଜ ବାରିକ ପ୍ରମୁଖ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ଭୋଳ ସଂଯୋଜନା କରିଥିଲେ । ଏହି ଅବସରରେ ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## ମା’ ବନଦୁର୍ଗାଙ୍କ ବ୍ରହ୍ମଚାରିଣୀ ବେଶ



ନିରାକାରପୁର, ୧୦।୪(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା’ ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ, ବାସନ୍ତୀକ ଚୈତ୍ର ନବରାତ୍ରର ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ବେଶରେ ମା’ ଦର୍ଶନ ଦେଇଛନ୍ତି । ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ଆଳତି, ଅଧରପଣା ଓ ମହାପ୍ରସାଦ ମା’ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆ ଶ୍ରୀ ମହାପ୍ରସାଦ ଅର୍ପଣ କରିଥିଲେ । ଡଃ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ ସହଯୋଗ କରିଥିଲେ । ଏହି ଅବସରରେ ସମାଜସେବୀ ସୁବ୍ରତ ମିଶ୍ର, ଅଭୟ ରାମ ମିଶ୍ରଙ୍କ ସପରିବାର ଅଂଶଗ୍ରହଣ କରିଥିଲେ । ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଦିବ୍ୟ ବେଶକୁ ଦର୍ଶନ କରିଥିଲେ ।

୧୦/୪/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୯୭,୨୩୩/- ସୁନା: ୦୦.୧୦୦ ଗ୍ରାମ୍ ରୁପା: ୪୮.୦୦୦ ଗ୍ରାମ୍



## ନିଷ୍ପତ୍ତିକୁ ପୂରିଲାଣି ପାଞ୍ଚବର୍ଷ

# ଆନନ୍ଦ ବଜାରରେ ଖୋଲିଲାନି ଅଭିଯୋଗ ପ୍ରକୋଷ୍ଠ

ପୁରୀ, ୧୦।୪(ସମିସ)



ଶ୍ରୀମନ୍ଦିରରେ ଶୃଙ୍ଖଳା ଏବଂ ସ୍ୱଚ୍ଛତା ଲାଗି ବିଭିନ୍ନ ସମୟରେ ବୈଠକ ବସି ଏକାଧିକ ନିଷ୍ପତ୍ତି ହେଉଛି। କିନ୍ତୁ ଏହି ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହେଉଛି ନା ନାହିଁ ତାହାର ତଦାରଖ କରାଯାଉନି। ଆନନ୍ଦ ବାଜରରେ ଶୃଙ୍ଖଳା ରକ୍ଷା ଲାଗି ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ନିଷ୍ପତ୍ତି ହେବାର ଇତିମଧ୍ୟରେ ୫ ବର୍ଷ ବିତିଗଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ଆନନ୍ଦ ବଜାରରେ ଅଭିଯୋଗ ପ୍ରକୋଷ୍ଠ ଖୋଲିପାରିଲା ନାହିଁ। ବିଭିନ୍ନ ସମୟରେ ଆନନ୍ଦ ବଜାରରେ ବିଶୃଙ୍ଖଳା ହେଉଛି। କିନ୍ତୁ ସଙ୍ଗେ ସଙ୍ଗେ ଅଭିଯୋଗ କରିବା ପାଇଁ ଅଭିଯୋଗକାରୀଙ୍କ ପାଖରେ ସୁଯୋଗ ନାହିଁ। ଫଳରେ ଅନେକ ମୁହଁ ଖୋଲୁ ନ ଥିବା ବେଳେ କାଁ ଭାଁ ଅଭିଯୋଗ ପଦାକୁ ଆସୁଛି।

୨୦୧୮ ମସିହାରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ନିଯୋଗ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏଥିରେ ଆନନ୍ଦ ବଜାର ପରିସରରେ ମହାପ୍ରସାଦ ଦର ତାଲିକା ଲଗାଯିବା ସହ ଆନନ୍ଦ ବଜାରକୁ ପଲିଥିନ ମୁକ୍ତ କରିବା ଲାଗି ମଧ୍ୟ ନିଷ୍ପତ୍ତି ହୋଇଥିଲା। ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହିତ କାହାର ମୂଲ୍ୟ କେତେ) ଲାଗିଲେ ଭକ୍ତମାନେ ସୁଆର ସେବକଙ୍କୁ ନ ପଚାରି ସିଧା ତାଲିକାରୁ ହିଁ କାହାର ଦାମ୍ କେତେ ଜାଣିପାରିବେ। ସେହି ଅନୁଯାୟୀ ଅବଢ଼ା କିଣିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଆନନ୍ଦ ବଜାରରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ରହିଥିଲା। ଯଦି କୌଣସି ଭକ୍ତ ମହାପ୍ରସାଦ କିମ୍ବା ଶୁଖିଲା ଭୋଗ କିଣିବା ସମୟରେ ଦରକୁ ନେଇ କେହି ଦୁର୍ବ୍ୟବହାର କିମ୍ବା ଅନ୍ୟ କୌଣସି କାରଣରୁ ଗାଳିମନ୍ଦର ଶିକାର ହୁଅନ୍ତି ସେମାନେ ଏହି ଅଭିଯୋଗ ପ୍ରକୋଷ୍ଠରେ ଜଣାଇବେ। ତୁରନ୍ତ ଏହି ଅଭିଯୋଗର ଅନୁଧ୍ୟାନ କରାଯାଇ ଯିଏ ବି ଦୋଷୀ ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ଏହି ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବାକୁ ସ୍ଥିର ହୋଇଥିଲା। ଏହି ନିଷ୍ପତ୍ତିକୁ ୫ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ଖୋଲିପାରି ନାହିଁ କି ମହାପ୍ରସାଦ ଦର ତାଲିକା ଚୂଡ଼ାନ୍ତ ହୋଇନାହିଁ।

ଅଭିଯୋଗ ପ୍ରକୋଷ୍ଠ ଖୋଲି ନ ଥିବାବେଳେ ବିଭିନ୍ନ ସମୟରେ ଆନନ୍ଦ ବଜାରରେ ବିଶୃଙ୍ଖଳା ହେଉଛି। ଯଦିଓ ପୂର୍ବାପେକ୍ଷା ବିଶୃଙ୍ଖଳା କମିଟି କିନ୍ତୁ ମଝିରେ ମଝିରେ ବିଶୃଙ୍ଖଳା ହେଉଛି। ତେଣୁ ଅଭିଯୋଗ ପ୍ରକୋଷ୍ଠର ବେଶ୍ ଗୁରୁତ୍ୱ ରହିଥିବା ବେଳେ ଏ ପର୍ଯ୍ୟନ୍ତ ତାହା ଖୋଲିପାରିଲା ନାହିଁ। ତେଣୁ ତୁରନ୍ତ ଏହା ଖୋଲାଯିବାକୁ ଭକ୍ତ ମହଲରେ ଦାବି ହେଉଛି।

# ମହାପ୍ରଭୁଙ୍କୁ ଦର୍ଶନକଲେ ମଣିପୁର ରାଜ୍ୟପାଳ

**ପୁରୀ, ୧୦।୪(ସମିସ):** ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ମଣିପୁର ରାଜ୍ୟପାଳ ଅନୁସୟା ଉଇକି। କଡ଼ା ସୁରକ୍ଷା ମଧ୍ୟରେ ସେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହାପରେ ତାଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହିତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଓ ଜଗନ୍ନାଥଙ୍କ ଏକ ପୁସ୍ତକ ତାଙ୍କୁ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ କରି ସେ ବେଶ୍ ଖୁସି ପ୍ରକଟ କରିବା ସହ ସମଗ୍ର ଦେଶରେ ଖୁସିର ବାତାବରଣ ରହୁ ଓ ବିଶେଷକରି ମଣିପୁରରେ ଚାଲିଥିବା ହିଂସା ଥମି ଯାଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ ରାଜ୍ୟପାଳ ଉଇକି।

# ସେବାୟତ କଲ୍ୟାଣ ପାଇଁ ପୂର୍ଣ୍ଣଚନ୍ଦ୍ର ସ୍ମରଣ ରହିବେ



**ପୁରୀ, ୧୦।୪(ସମିସ):** ଶ୍ରୀଜଗନ୍ନାଥ ମନ୍ଦିର ସେବାୟତମାନଙ୍କ କଲ୍ୟାଣ ପାଇଁ ବରିଷ୍ଠ ସେବାୟତ ତଥା ଶ୍ରୀଜଗନ୍ନାଥ ତତ୍ତ୍ୱଜ୍ଞ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ସ୍ମରଣ ରହିବେ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଗୀତିକାର ବଦ୍ରି ମିଶ୍ର। ବୁଧବାର ସୁନ୍ଦରା ଜାଗା କଲ୍ୟାଣ ମଣ୍ଡପରେ ଜଗନ୍ନାଥ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଶ୍ରୀ ନିଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ଦ୍ୱାରା ଆୟୋଜିତ ବୈକୁଣ୍ଠରେ ପୂର୍ଣ୍ଣଚନ୍ଦ୍ର କାର୍ଯ୍ୟକ୍ରମରେ ଗବେଷକ ଡ. ଭାସ୍କର ମିଶ୍ର, ମହନ୍ତ ଡ. ରାମଚରଣ ଦାସ, ଗବେଷକ ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ, ଡ. ଶ୍ରୀନିବାସ ଆଚାର୍ଯ୍ୟ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ସେବାୟତ ଦାମୋଦର ମହାସୁଆର, ଉଦି ପଢ଼ିଆରୀ, ପ୍ରାଧ୍ୟାପକ ନୃସିଂହ ଚନ୍ଦ୍ର ପ୍ରମୁଖ ସ୍ମରଣିକା 'ସଂସ୍କୃତି ପୁରୁଷ' ଉନ୍ମୋଚନ କରିବା ସହ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ବାପୁଜୀ ଖୁଣ୍ଟିଆ, ରାଜଗୋପାଳ ଖୁଣ୍ଟିଆ, ଲୋକନାଥ ଖୁଣ୍ଟିଆ ଓ ଚିନ୍ତାମଣି ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀମାନେ ପାରମ୍ପରିକ ଭଜନ ପରିବେଷଣ କରିଥିଲେ।

# ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ, ୧୦।୪(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟାରେ ଦ୍ୱିତୀୟ ଭୋଗମଣ୍ଡପ ସରିଥିଲା। ଏହାପରେ ମଇଲମ, ତଡ଼ପଲାଗି ହୋଇ ୫ଟା ୫୦ରେ ପହୁଡ଼ ଆଳତି ହୋଇଥିଲା। ସନ୍ଧ୍ୟା ୬ଟାରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

# ଜିନିଷ ବଦଳରେ ଆସିଲା ପଥର

**ଅସ୍ତରଙ୍ଗ, ୧୦।୪(ସମିସ):** ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ଅନ୍‌ଲାଇନରେ ବିଭିନ୍ନ ପ୍ରକାରର ବ୍ୟବହାରିକ ଜିନିଷ ମିଳୁଥିବାରୁ ସାଧାରଣ ଲୋକଙ୍କୁ ଅନେକ ସୁବିଧା ମିଳିପାରୁଛି। ସାଧାରଣ ଲୋକଟିଏ ଯେଉଁଠି ଯେଉଁ ସ୍ଥାନରେ ଥାଆନ୍ତୁ ମୋବାଇଲ୍ ସାହାଯ୍ୟରେ ଅନ୍‌ଲାଇନ୍‌ରେ ବିଭିନ୍ନ ପ୍ରକାର ଜିନିଷ ବିଭିନ୍ନ ସଂସ୍ଥାରୁ ମଗାଇ ପାରୁଛନ୍ତି। କିନ୍ତୁ ଅନେକ ସମୟରେ ଏହି ସୁବିଧା ପାଇବା ବଦଳରେ ଠକାମିର ଶିକାର ହେଉଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଏଏସ୍ଆଇ ଖଗେଶ୍ୱର କରଙ୍କ କ୍ଷେତ୍ରରେ। ସେ ଅନ୍‌ଲାଇନରେ




ସାମଗ୍ରୀ ମଗାଇ ଠକାମିର ଶିକାର ହୋଇଛନ୍ତି। କିଛି ଦିନ ତଳେ ଏକ ଅନ୍‌ଲାଇନ ସପିଙ୍ଗ ସେଣ୍ଟର ମାଧ୍ୟମରେ ଏକ ହାର୍ଡୱେୟାର ମାପ ଫିତା ଅର୍ଡର କରିଥିଲେ। ଯାହାର ମୂଲ୍ୟ ଥିଲା ୧୯୮ ଟଙ୍କା। ଉକ୍ତ ସାମଗ୍ରୀ ବୁଧବାର ଥାନାରେ ଏଏସ୍ଆଇ ଖଗେଶ୍ୱରଙ୍କ ନିକଟରେ ପହଞ୍ଚି ଥିଲା। ପାର୍ସଲ ଫିଟାଇବା ପରେ ସେଥିରେ ମଗାଯାଇଥିବା ଫିତା ବଦଳରେ ଏକ ପଥର ଖଣ୍ଡ ବାହାରି ଥିଲା। ଏହି ଘଟଣାଟି ଜଣେ ପୁଲିସ ଅଧିକାରୀଙ୍କ ସହିତ ହୋଇଥିବାରୁ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପଥର ବାହାରିବା ପରେ ତାହାକୁ ସେ ଫେରାଇବା ସହିତ ସମ୍ପୃକ୍ତ ଅନ୍‌ଲାଇନ୍ କମ୍ପାନୀ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହିଭଳି ଠକ ଅନ୍‌ଲାଇନ ସପିଙ୍ଗ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି।



ଶ୍ରୀକ୍ଷେତ୍ରରେ ବୁଢ଼ୀ ମା' ଠାକୁରାଣୀଙ୍କ ଦଣ୍ଡଯାତ୍ରା

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ପୁରୀ, ୧୦।୪(ସମିସ):** ବାଲୁଖଣ୍ଡସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରମେଶ କୁମାର ଦଳବେହେରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଶିକ୍ଷାଧିକାରୀ ମମତା ମିଶ୍ର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାମନ୍ତଚନ୍ଦ୍ର ଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧ୍ୟାପକ ଡ. ଦୁର୍ଗା ମାଧବ ନନ୍ଦ, ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଡିଏସଏସ୍ ରବୀନ୍ଦ୍ର ନାଥ ସ୍ୱାଇଁ ଏବଂ ସିପସରୁବାଲି ସ୍ଥିତ ଆର୍ଦଶ ବିଦ୍ୟାଳୟର ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ବେହେରା ପ୍ରମୁଖ ଯୋଗଦାନ କରି ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କ ଶୃଙ୍ଖଳିତ ଜୀବନ ମାର୍ଗଦର୍ଶନ କରିବା ସହ ଆଗାମୀ ଦିନରେ ଦେଶ ମାତୃକାର ସେବା କରିବା ପାଇଁ ଅନୁପ୍ରାଣିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟିତ୍ରୀ ନିବେଶ୍ୱେତା ସାବୁତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ନିବେଶ୍ୱେତା ସାବୁତ ଧନ୍ୟବାଦ ଅର୍ପଣ କରିଥିଲେ।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନକଲେ ନୟାଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଅରୁଣ ସାହୁ



# ସମିତିସଭ୍ୟ ପରିବାରର ବାର୍ଷିକ ସମ୍ମିଳନୀ

**ସାକ୍ଷୀଗୋପାଳ, ୧୦।୪(ସମିସ):** ସତ୍ୟବାଦୀ ବ୍ଲକ ଛକ ନିକଟ ସ୍ୱର୍ଣ୍ଣ ମଣ୍ଡପ ପରିସରରେ ପୁରୀ ଜିଲ୍ଲାସ୍ତରୀୟ ସମିତିସଭ୍ୟ/ସଭ୍ୟାଙ୍କ ପରିବାର ପକ୍ଷରୁ ତୃତୀୟ ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତିର ଅଧ୍ୟକ୍ଷ ତଥା ସମିତିସଭ୍ୟ ସଭ୍ୟାଙ୍କ ପରିବାର ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ସୁନୀଲ କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଶ୍ରୀଚନ୍ଦନ, ଅନୁଷ୍ଠାନର ଉପସଭାପତି ବୈଦ୍ୟନାଥ ବେହେରା, ବସନ୍ତ ସାହୁ, ପୁରୀ ଜିଲ୍ଲା କାର୍ଯ୍ୟକାରୀ ସଭାପତି କର୍ତ୍ତବ୍ୟରାଜ ସ୍ୱାଇଁ, ରାଜ୍ୟ ସଭାପତି ସମୌରେନ୍ଦ୍ର ଦୀକ୍ଷିତ, ପୁରୀ ଜିଲ୍ଲା ସଦର ବ୍ଲକର ଅଧ୍ୟକ୍ଷ ଦିବାକର ପାତ୍ର, ଗୋପ ବ୍ଲକ ଅଧ୍ୟକ୍ଷା ଝୁନା ମଲ୍ଲିକ, ଜ୍ୟୋତି ରଞ୍ଜନ ନାୟକ, ସତ୍ୟବାଦୀ ବ୍ଲକର ସମିତିସଭ୍ୟ/ସଭ୍ୟାଙ୍କ ପରିବାରର ସଭାପତି ଦୀପକ ଶତପଥୀ, ଉପଦେଷ୍ଟା ବିଜୟ କୁମାର ସାହୁ, ଜାନକୀ ଦେବୀଙ୍କ ସମେତ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକର ସମିତିସଭ୍ୟା ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ଦାସ ସଭା ସଂଯୋଜନା କରିଥିଲେ। ଧୀରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀକୁ ଆୟୋଜନ କରିଥିଲେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା। ବସନ୍ତ ବିଶ୍ୱାଳ, ଲିଙ୍ଗରାଜ ସ୍ୱାଇଁ, ଜ୍ୟୋତିର୍ମୟୀ ପଣ୍ଡା, ଦୀପକ ଶତପଥୀ, ପୁଷ୍ପଲତା ସାହୁ, ଝୁନି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




# ଦ୍ୱିତୀୟ ଥର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱ ନେଲେ ଭିଭି ଯାଦବ

ପୁରୀ, ୧୦।୪(ସମିସ)



ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବୀରବିକ୍ରମ ଯାଦବ। ଦ୍ୱିତୀୟ ଥର ପାଇଁ ତାଙ୍କ ଉପରେ ଏଭଳି ଗୁରୁଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ପୂର୍ବରୁ ମଧ୍ୟ ଭିଭି ଯାଦବ ଏହି ଦାୟିତ୍ୱ ନିର୍ବାହ କରିଥିଲେ। ତେବେ କାର୍ଯ୍ୟ ଭାର ଗ୍ରହଣ ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ବୁଧବାର ପୂର୍ବାହ୍ଣରେ ପୁରୀରେ ପହଞ୍ଚିବା ପରେ ଶ୍ରୀ ଯାଦବଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ଯାଦବ ସମର୍ଥ ବର୍ମାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ସେବାୟତ ଉପସ୍ଥିତ ଥିଲେ। ଏହାପରେ ମୁଖ୍ୟ ପ୍ରଶାସକଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଭିତରକାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ମୁଣ୍ଡିଆ ମାରି ଆଶୀର୍ବାଦ କାମନା କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ନୂଆ ମୁଖ୍ୟ ପ୍ରଶାସକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ କର୍ମଚାରୀ ଏବଂ ଅଧିକାରୀଙ୍କ ସହ ଆଲୋଚନା ବେଳେ ଆଗକୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଏବଂ ରଥଯାତ୍ରା ଆସୁଛି। ପ୍ରସିଦ୍ଧ ରଥଯାତ୍ରା ଆମର ପ୍ରାଥମିକତା ରହିବ। ଠାକୁରଙ୍କ ରୀତିନୀତି କିପରି ଶୃଙ୍ଖଳିତ ହେବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସୂଚନାଥାଉ କି, ଶ୍ରୀ ଯାଦବ ପୂର୍ବରୁ ୨୦୨୨ ଏପ୍ରିଲ ୬ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ଆଜି ସୁଦର୍ଶନଙ୍କ ଜନ୍ମଦିନ

# ସାରା ବିଶ୍ୱ ପାଳିବ 'ଛେନାପୋଡ଼ ଦିବସ'



ନୟାଗଡ଼, ୧୦।୪(ସମିସ): ଛେନାପୋଡ଼ ପାଇଁ ନୟାଗଡ଼। ନୟାଗଡ଼ ପାଇଁ ଛେନାପୋଡ଼ ସୁନାମ ଅର୍ଜନ କରିଛି। ନୟାଗଡ଼ରୁ ଜନ୍ମଲାଭ କରିଥିବା ଛେନାପୋଡ଼ ସମଗ୍ର ରାଜ୍ୟ କାହିଁକି ରାଜ୍ୟ ବାହାରେ ମଧ ବେଶ୍ ପ୍ରସିଦ୍ଧ ଲାଭ କରିଛି। ଛେନାପୋଡ଼ କଥା ମନେପଡ଼ିଲେ ମନରେ ସ୍ୱତଃ ଜାଗିଉଠେ ଓଡ଼ିଆ ଚଳଚ୍ଚିତ୍ର ଅକ୍ଷୟ ତୃତୀୟାର ସୁମଧୁର ସଙ୍ଗୀତ 'ଆସ କିଏ ଖାଇବ ହୋ, ଆମ ରାଜା ବାବୁଘର ଖାନା'। କଣ୍ଠଶିଳ୍ପୀ ତାନସେନ ସିଂ ଗାଇଥିବା ଏହି ସୁମଧୁର ଗୀତ ଲୋକପ୍ରିୟତାର ପ୍ରମାଣ ଦେଇଥାଏ। ମିଠା ଜଗତରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ଏହି ଛେନାପୋଡ଼ ବର୍ତ୍ତମାନ ନୟାଗଡ଼ରୁ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଦିନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ମାଲକାନଗିରି, ଭବାନୀପାଟଣା, ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର, କନ୍ଧମାଳ, ଛତିଶଗଡ଼, କଲିକତା ଦୁର୍ଗାପୁର, ରାୟପୁର ପ୍ରଭୃତି ସ୍ଥାନକୁ ଦୂରଗାମୀ ବସ୍ ଯୋଗେ ପଠାଯାଇଥାଏ। ଜିଲ୍ଲାର ବିଭିନ୍ନ ସ୍ଥାନରେ ଛେନାପୋଡ଼ ପ୍ରସ୍ତୁତି କରାଯିବା ସହ ଏକା ରୋଜଗାରର ଏକ ମାଧ୍ୟମ ପାଲଟିଛି। ଏହା ବାଦ ନୟାଗଡ଼ ଜିଲ୍ଲାର ଅନେକ ବ୍ୟକ୍ତି ମୁମ୍ବାଇ, ବାଙ୍ଗାଲୋର ପ୍ରଭୃତି ସହରକୁ ଯାଇ ଛେନାପୋଡ଼ ବ୍ୟବସାୟ କରୁଥିବା ମଧ ଜଣାଯାଇଛି। ନୟାଗଡ଼ ଛେନାପୋଡ଼ ଏବେ କୁଟିରୀ ଶିଳ୍ପରେ ପରିଣତ ହୋଇଛି। ନୟାଗଡ଼ ବ୍ଲକ ମାଛିପଡ଼ା ଗ୍ରାମରେ ଅନେକ ପରିବାର ଛେନାପୋଡ଼ ପ୍ରସ୍ତୁତି ଏବଂ ବ୍ୟବସାୟ କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି। କିଲୋ ପିଛା ୧୩୦ରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଛେନାପୋଡ଼ ବିକ୍ରି କରାଯାଉଥିବା ଦେଖାଯାଏ। ନୟାଗଡ଼ରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ମିଠାକୁ ଭୌଗୋଳିକ ସଙ୍କେତ ତଥା ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦୀର୍ଘବର୍ଷ ତଳୁ ଦାବି ଉଠିଛି। ଏନେଇ ସଠିକ ଭାବେ ପ୍ରୟାସ କରାଯାଇନଥିଲା। ୨୦୨୩ ମସିହା ମାର୍ଚ୍ଚ ୪ ତାରିଖରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରଥମେ ଏନେଇ ଚିଠି ଲେଖିଥିଲେ। ପରେ ବିଧାୟକ ଡ. ସାହୁ ଅଣୁ, ଯୁଦ୍ର ଓ ମଧମ ଉଦ୍ୟୋଗ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଭେଟିବା ସହ ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବି ଉଠାଇଥିଲେ। ଜିଲ୍ଲା ପ୍ରଶାସନ ଜିଆଇ ଟ୍ୟାଗ ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ୨୦୨୩ ମାର୍ଚ୍ଚ ୨୦ ତାରିଖରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କରାଯାଇଛି। ଜିଆଇ ଟ୍ୟାଗ ମିଳିବା ଦ୍ୱାରା ଉତ୍ପାଦିତ ଦ୍ରବ୍ୟର



ଉତ୍ପତିସ୍ଥଳ ସଠିକ ରୂପେ ନିରୂପଣ କରାଯାଇପାରେ। ଛେନାପୋଡ଼ ପ୍ରଥମେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳର ସୁଦର୍ଶନ ସାହୁ ପ୍ରସ୍ତୁତ କରିଥିଲେ। ସେ ନୟାଗଡ଼ କଚେରି ନିକଟରେ ଏକ ଛୋଟିଆ ମିଠା ଦୋକାନ କରିଥିଲେ। ଦିନେ ତାଙ୍କ କିଛି ଛେନା ବିକ୍ରି ନହୋଇ ବଳକା ରହିଯାଇଥିଲା। ଛେନା ନଷ୍ଟ ହୋଇଯିବ ଭାବି ସେଥିରେ କିଛି ସୁଜି ଓ ଚିନି ମିଶାଇ ଏକ ଭିନ୍ନ ଧରଣର ମିଠା ବନାଇବା ଲକ୍ଷ୍ୟରେ ତିଆରି କରିଥିଲେ ଛେନାପୋଡ଼। ସେହି ଛେନାପୋଡ଼କୁ କିଛି ଲୋକ ଖାଇବା ପରେ ସେମାନଙ୍କୁ ଭାରି ସ୍ୱାଦିଷ୍ଟ ଲାଗିଥିଲା। ତାପରେ ସୁଦର୍ଶନ ଭିନ୍ନ ଧରଣର ମିଠାକୁ ସବୁଦିନ ତିଆରି କରିବା ଆରମ୍ଭ କରି ଦେଇଥିଲେ। ଏହି ଛେନାପୋଡ଼ ନୟାଗଡ଼ ଅଞ୍ଚଳରେ ପ୍ରସିଦ୍ଧ ଲାଭ କରିବା ସଙ୍ଗେ ସଙ୍ଗେ ସାରା ରାଜ୍ୟରେ ମିଠା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଛେନାପୋଡ଼କୁ ସ୍ମରଣୀୟ କରିବା ପାଇଁ ଛେନାପୋଡ଼ ନିର୍ମାତା ସୁଦର୍ଶନ ସାହୁଙ୍କ ଜୟନ୍ତୀ ଅବସରରେ ୨୦୨୨ ମସିହା ଏପ୍ରିଲ ୧୧ ତାରିଖରେ ପ୍ରଥମ କରି ବିଶ୍ୱ ଛେନାପୋଡ଼ ଦିବସ ଭାବରେ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହା ପାଳନ କରିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। ୨୦୨୩ରେ ପ୍ରଥମ କରି ଏହାକୁ ସରକାରୀ ସ୍ତରରେ ପାଳନ କରାଯାଇଥିଲା। ନୟାଗଡ଼ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନିର୍ଦ୍ଦେଶରେ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଥିଲା। ଆସନ୍ତାକାଲି ଛେନାପୋଡ଼ର ଜନକ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଅବସରରେ ନୟାଗଡ଼ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରାଯିବ ବୋଲି ସୂଚନା ମିଳିଛି।

● ମହିଳାଙ୍କ ମୃତ୍ୟୁ ଘଟଣା

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଓଡ଼ଗାଁ, ୧୦।୪(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ପାଟଣା ସାହିରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଆସୁଥିବା ହରିହର ନାୟକଙ୍କ ସ୍ତ୍ରୀ ରଞ୍ଜିତା ନାୟକ(୩୨)ଙ୍କୁ ସୋମବାର ରାତିରେ ବିଷପାନ କରିଥିବା ଅବସ୍ଥାରେ ଘରେ ଥିବା ମୁନା ନାୟକ ଓଡ଼ଗାଁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ସାଙ୍ଗରେ ମହିଳାଙ୍କ ନାବାଳିକା ଝିଅ ରହିଥିଲା। ଏଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଧିକ ଗୁରୁତର ହେବାରୁ ତାଙ୍କୁ ଏମସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜିତାଙ୍କ ମୃତ୍ୟୁ ଘଟିଥିଲା। ରଞ୍ଜିତାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ନେଇଯାଇଥିବା ମୁନା ନାୟକ ସେଠାରୁ କେଉଁଆଡ଼େ ଚାଲି ଯାଇଥିଲେ। ଚିକିତ୍ସା ପାଇଁ ନେଇଯାଇଥିବା ମୁନା ନାୟକ ରଞ୍ଜିତା ବିଷପାନ କରିଥିବା ଡାକ୍ତରଖାନାରେ ସୂଚନା ଦେଇଥିଲେ। ବାଧ୍ୟତାମୂଳକ ଭାବେ ହେଉ ଅଥବା ଜୋର୍ ଜବରଦସ୍ତ ତାଙ୍କୁ ବିଷପାନ କରାଇ ମାରି ଦେଇଥିବା ନେଇ ପରିବାର ଲୋକେ ଏବେ ଅଭିଯୋଗ ଆଣିଛନ୍ତି। ସୁରଟରେ ଥିବା ରଞ୍ଜିତାଙ୍କ ସ୍ୱାମୀ ଭୁବନେଶ୍ୱରରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ମୃତ୍ୟୁ ପରେ ସେଠାରୁ ମୁନା ନାୟକ ଫେରାର ହୋଇଯାଇଥିବା ବେଳେ ପୁଲିସ ଘଟଣାର ଖୋଳତାଡ଼ କରୁଥିବା ସୂଚନା ମିଳିଛି। ଗିରିଡିପଲ୍ଲି ପଞ୍ଚାୟତ ଧଖୋଲା ହେଉଛି ହରିହର ନାୟକଙ୍କ ସ୍ଥାୟୀ ଠିକଣା। ହରିହର ରାଜ୍ୟ ବାହାରେ ସୁରତରେ କାର୍ଯ୍ୟ କରନ୍ତି। ୨ ବର୍ଷ ହେଲା ରଞ୍ଜିତା ଓଡ଼ଗାଁରେ ରହୁଥିଲେ। ଏହି ଘଟଣା ଘଟିବା ପରେ ଘରେ କେବଳ ନାବାଳକ ପୁଅ ଓ ଝିଅ ଅଛନ୍ତି।

# ଖଣ୍ଡପଡ଼ାରେ ଦଣ୍ଡକାମେନାଙ୍କ ମହାମିଳନ

ଖଣ୍ଡପଡ଼ା, ୧୦।୪(ସମିସ): ଖଣ୍ଡପଡ଼ା ସହାରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନରେ ଆଜି ଅପରାହ୍ନରେ ଦଣ୍ଡ କାମେନା ଠାକୁରଙ୍କ





ମହାମିଳନ ପର୍ବ ଏକ ଆଧ୍ୟାତ୍ମିକ ଓ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦିନ ୩ଟା ସମୟରେ ଖଣ୍ଡପଡ଼ାର ଭିନ୍ନ ଭିନ୍ନ ପୁଷ୍କରିଣୀରେ ଦଣ୍ଡ କାମେନା ଠାକୁର ଏବଂ ପାଟ ଭୋକ୍ତାମାନେ ସ୍ନାନ କରି ରୀତିନୀତି ଅନୁଯାୟୀ ଶିବ ମହାଦେବ, ଦଣ୍ଡକାଳୀ ଏବଂ ମା' ଗୌରୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ପଟୁଆରରେ ସହର ପରିକ୍ରମା କରିବା ଅବସରରେ ହରିବୋଲ, ହୁଳହୁଳି, ଶଙ୍ଖ, ମହୁରୀ, ନଦୀଆ ସଂକୀର୍ତ୍ତନ ମାଧ୍ୟମରେ ମଧୁବନ କ୍ରୀଡ଼ାଙ୍ଗନରେ ପହଞ୍ଚିଥିଲେ। ସେଠାରେ ଆଖପାଖ ଅଞ୍ଚଳରୁ ଆସି ଉପସ୍ଥିତ ଥିବା ହଜାର ହଜାର ଶ୍ରଦ୍ଧାଳୁ ହରିବୋଲ ହୁଳହୁଳି ଦେଇ ଠାକୁରଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦଣ୍ଡ କାମେନା କମିଟି ଖଣ୍ଡପଡ଼ା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଦଣ୍ଡ ଠାକୁର ମହାମିଳନ ପର୍ବରେ ସ୍ଥାନଅଧିପତି ଖଣ୍ଡପଡ଼ାର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଦେବ, ତେନ୍ତୁଳିଆପଲ୍ଲୀ ଓ ଗୁଣ୍ଡୁଣି ଗ୍ରାମର ନୀଳକଣ୍ଠେଶ୍ୱରଦେବ, ମଙ୍ଗଳପୁର ଓ ରାଣୀପଡ଼ା ଗ୍ରାମର ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱରଦେବ, ଖପରମଲ୍ଲ ଗ୍ରାମର ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ଚଳନ୍ତି ପ୍ରତିମା ମେଳଣ ସ୍ଥଳରେ ବିଜେ ହୋଇଥିଲେ। ପର୍ଯ୍ୟାୟକ୍ରମେ ବିଗ୍ରହ ମାନଙ୍କ ପୂଜାର୍ଚ୍ଚନା ହେବା ସହିତ ଦଣ୍ଡ ଖେଳ ହୋଇ ଠାକୁରଙ୍କ ମହା ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିସହିତ କାଳେସୀଙ୍କ ଉଭାକାର୍ଯ୍ୟ ମଧ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଘଣ୍ଟ, ବାଦ୍ୟ ମାଧ୍ୟମରେ ଘଣ୍ଟୁଆ ଓ ଢୋଲିଆମାନେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିଥିଲେ। ପରିଶେଷରେ ଭକ୍ତିମୟ ପରିବେଶ ମଧ୍ୟରେ ଠାକୁର ନିଜ ନିଜର ଆସ୍ଥାନକୁ ବିଜେ କରିଥିଲେ। ତେବେ ବିଗ୍ରହ ମାନଙ୍କ ମେଳଣ ହେବା ନେଇ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ନିମନ୍ତେ ଖଣ୍ଡପଡ଼ା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା।

# 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ




ଖଣ୍ଡପଡ଼ା, ୧୦।୪(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତରେ ଆଜି ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ପହଞ୍ଚିଥିବା ନେଇ ପ୍ରଚାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ସେଠୀ, ବରିଷ୍ଠ ନେତା ଜନ୍ମେଜୟ ନାୟକ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ସନ୍ତୋଷ ତ୍ରିପାଠୀ, ସଂଗଠକ ସାଜିଦ ପଟ୍ଟନାୟକ, ପ୍ରସନ କୁମାର ମିଶ୍ର, ମାୟାଧର ସାଥୁଆ, ବିଜୟ କୁମାର ଖୁଣ୍ଟିଆ, ଶରତ ସାହୁ, କୈଳାସ ବାରିକ, ଅରୁଣ ଦାସ, ଭାଗିରଥି ବେହେରା, ଅମର ପରିଡ଼ା, ରବୀନ୍ଦ୍ର ବେହେରା, ପ୍ରିୟବ୍ରତ ଦାସ, ମଙ୍ଗୁଳି ନାଏକ, ରାଜକିଶୋର ପ୍ରଧାନ, ସୁକାନ୍ତ ବାରିକ, ବାବୁ ବାରିକ, କୁନା ବେହାରଙ୍କ ସମେତ ବହୁ ସଂଖ୍ୟାରେ ଛାମୁଆ କର୍ମୀ, ମହିଳା ଓ ଯୁବକମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ।

# ବଢୁଛି ତାତି; ଜମୁଛି ଲସି ବେପାର



ଭାପୁର, ୧୦।୪(ସମିସ): ଖରା ଆସିଲେ ଜମେ ଲସିବେପାର। ଲସି କଥା ଉଠିଲେ ଭାପୁର ବଜାରର ଶ୍ୟାମଘନ ସାହୁଙ୍କ ରାଧେଶ୍ୟାମ ଲସି ଚର୍ଚ୍ଚାରେ ରହିଥାଏ। ଦୀର୍ଘ ପନ୍ଦର ବର୍ଷ ହେଲା ସେ ଏହି ଲସି ବେପାର କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଖରା ସିଜିନରେ ଲସି ବେପାର କରି ଭଲ ଦୁଇ ପଇସା କମାଇବା ସହ ବେଶ ଲୋକପ୍ରିୟତା ମଧ କମାଇଥାନ୍ତି ଶ୍ୟାମଘନ। ଭାପୁର ବଜାରରେ କିଛି ବର୍ଷ ହେଲା ଶ୍ୟାମଘନ ଲସି ବେପାର କରି ବେଶ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଭାପୁର ଅଞ୍ଚଳର ଲୋକମାନଙ୍କ ମଧରେ ଏପରିକି ଭାପୁର ଦେଇ ଯାଉଥିବା ଲୋକମାନେ ରାଧେଶ୍ୟାମ ଲସି ପିଇବାକୁ ଭୁଲି ନଥାନ୍ତି। ଘରକୁ କୁଣିଆ ଆସିଲେ ଲୋକମାନେ ଧାଇଁ ଯାଆନ୍ତି ରାଧେଶ୍ୟାମ ଲସି ଦୋକାନକୁ। ଲସି ତିଆରି କରି ସ୍ୱତନ୍ତ୍ର ଗ୍ଲାସରେ ପ୍ୟାକିଂ କରି ପାର୍ସଲ ପଠାଇବା ଶୈଳୀ ଅନ୍ୟ ଲସି ଦୋକାନ ଠାରୁ ନିଆରା। ଦରଦାମ ବଢ଼ି ଚାଲିଥିବା ବେଳେ ଲସି ଦର ମଧ ବୃଦ୍ଧି ପାଇଛି। ଦର ଯେତେ ବଢ଼ିଲେ ମଧ ରାଧେଶ୍ୟାମ ଲସି ଦୋକାନରେ ଲାଗିରହିଥାଏ ସବୁବେଳେ ଭିଡ଼। ଲସି ପିଇବା ପାଇଁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିଥାଏ। ଏଠାରେ ଅନେକ ଲୋକ ସେମାନଙ୍କ ପରିବାର ଧରି ବସିରହିବା ଦେଖିବାକୁ ମିଳିଥାଏ। ଖରା ଚାରି ମାସର ବେପାର ବର୍ଷର ବାରମାସର ରୋଜଗାର ଭଳି ହୋଇଥାଏ। ବର୍ଷକରେ ଏହି ଚାରି ମାସର ସିଜିନ ବେପାର କରି ଶ୍ୟାମଘନ ବହୁତ ଖୁସି। ଲୋକଙ୍କୁ ସୁମଧୁର ଲସି ଦେଇ ରୋଜଗାର କରିବା ସହ ଗରାଖଙ୍କ ଆତ୍ମସନ୍ତୋଷ ବହୁତ ଖୁସି ଦେଇଥାଏ ବୋଲି କହିଛନ୍ତି ଭାପୁର ବଜାରର ପ୍ରମୁଖ ଲସି ଦୋକାନୀ ଶ୍ୟାମଘନ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




ଜଟଣୀ, ୧୦।୪(ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ସ୍କୁଲ୍ ପାରାମେଡିକ୍ସ ଏବଂ ଆଲିଏଡ୍ ହେଲଥ ସାଇନ୍ସ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ 'ମୋ ସ୍ୱାସ୍ଥ୍ୟ, ମୋର ଅଧିକାର' ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାର ଦ୍ୱାରା ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଅତ୍ୟାବଶ୍ୟକ ସମ୍ବଳ ଭଳି ଅନେକ ବିଷୟରେ ବିଶ୍ୱବିଦ୍ୟାଳୟ ଦ୍ୱାରା ସଚେତନତା ସୃଷ୍ଟି କରିବାର ପ୍ରତିବଦ୍ଧତା ଉପରେ ଆଲୋଚନା କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏନଆଇଏଚଏଫଡବ୍ଲ୍ୟୁର ମୁଖ୍ୟ, ପ୍ରଫେସର ମିହିର କୁମାର ମଲ୍ଲିକ, ଡିଏଚଏସର ଡାଇରେକ୍ଟର ଡକ୍ଟର ବିଜୟ କୁମାର ମହାପାତ୍ର ଏବଂ ମୁଖ୍ୟ ବକ୍ତା ଭାବରେ କଳିଙ୍ଗ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ଡକ୍ଟର ନୀଳାଞ୍ଜନା ମୁଖାର୍ଜୀ, ପ୍ରଫେସର ସଞ୍ଜୟ ରାଜପାଲ ପ୍ରମୁଖ ଯୋଗ ଦେଇଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ଡକ୍ଟର ସୁପ୍ରିୟା ପଟ୍ଟନାୟକ, ସ୍କୁଲ ଅଫ ପାରାମେଡିକ୍ସର ନିର୍ଦ୍ଦେଶକ ପ୍ରଫେସର ସୁନୀଲ କୁମାର ଝା, ଡିନ ସୋମ୍ୟା ଜାଲି ଓ ଅରୁନ୍ଧତୀ ବିଶ୍ୱାଳ ଯୋଗ ଦେଇଥିଲେ।

ଅଣାୟତ ହେଲାଣି ଦୁର୍ଗାବଜାର ଟ୍ରାଫିକ୍ ସମସ୍ୟା

# ଫାଇଲ୍ ତଳେ ଜାତୀୟ ରାଜପଥ ବାଇପାସ୍ ପ୍ରସଙ୍ଗ



ନୟାଗଡ଼, ୧୦।୪(ସମିସ): ନୟାଗଡ଼ ଜିଲ୍ଲା ଦେଇ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଯାଇଥିବା ବେଳେ ବିଭିନ୍ନ ସହର ମଧରେ ଜାତୀୟ ରାଜପଥର ଜନଗହଳିକୁ ନେଇ ସମସ୍ୟା ସୃଷ୍ଟି ହୋଇ ଆସୁଛି। ନୟାଗଡ଼ ସହରରୁ ଏହି ସମସ୍ୟାକୁ ମୁକ୍ତ କରିବା ପାଇଁ ବଡ଼ପଣ୍ଡୁସରଠାରୁ ମାଙ୍କପଲ୍ଲୀ ପର୍ଯ୍ୟନ୍ତ ୧୭ କିମି ବାଇପାସ ନିର୍ମାଣ କରାଯାଉଛି। ସେହିଭଳି ଭାବେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ସହରରୁ ଜନଗହଳି ଏବଂ ଭାରୀଯାନରୁ ରକ୍ଷା କରିବା ପାଇଁ ବାଇପାସ୍ ନିର୍ମାଣ ପାଇଁ ଦୁଇ ବର୍ଷ ତଳୁ ପ୍ରସ୍ତାବ ଦିଆଯାଇଥିଲେ ସୁଦ୍ଧା କୌଣସି ଅଗ୍ରଗତି ହୋଇ ପାରୁନାହିଁ। ଜାତୀୟ ରାଜପଥ ବିଭାଗ କେବଳ ସର୍ଭେ କରି ଚୁପ ବସିଥିବା ବେଳେ ନାନାଦି ସମସ୍ୟା ଭୋଗଛନ୍ତି ଦଶପଲ୍ଲାବାସୀ। ଦଶପଲ୍ଲାର କଳେବର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥସହିତ ତାଳ ଦେଇ ଲୋକ ଓ ଗାଡ଼ି ସଂଖ୍ୟା ମଧ ଆଶାତୀତ ଭାବେ ବୃଦ୍ଧି ପାଇ ଚାଲିଛି। ତା' ସାଙ୍ଗକୁ ଦଶପଲ୍ଲା ମଧ ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥରେ ଦିବା-ରାତ୍ର ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ଓ ଭାରୀଯାନ ଗାଡ଼ି ସହିତ ଭିଆଇପିଙ୍କ ଆତଯାତ ବଢ଼ି ଚାଲିଛି। ଜାତୀୟ ରାଜପଥ ଅନ୍ତର୍ଗତ ଦଶପଲ୍ଲାର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ଦୁର୍ଗାବଜାରର ଟ୍ରାଫିକ ସମସ୍ୟା ଦଶପଲ୍ଲାବାସୀଙ୍କୁ ଅଣନିଃଶ୍ୱାସୀ କରି ଦେଉଥିବା ଦେଖାଯାଇଛି। ଦୁର୍ଗାବଜାରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଯିବାକୁ କାଠିକର ପାଠ ହୋଇ ପଡୁଛି। ନିର୍ବାଚନ ଋତୁରେ ଟ୍ରାଫିକ ସମସ୍ୟା ଆହୁରି ବଢ଼ିବା ଜଳ ଜଳ ହୋଇ ଦେଖାଦେଲାଣି। ଏଥିନେଇ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯାଇ ଏହି ଗମନାଗମନ ପଥକୁ ସୁରକ୍ଷିତ ଯାତ୍ରା ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଅପରିହାର୍ଯ୍ୟ ହୋଇ ପଡ଼ିଛି।

# ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ହେଲା ଇଭିଏମ୍, ଭିଭିପାଟ୍ ମେସିନ୍

## କଡ଼ା ସୁରକ୍ଷା ବଳୟ ଓ ସିସିଟିଭି ସର୍ଭେଲାନ୍ସରେ ଷ୍ଟ୍ରଙ୍ଗରୁମ୍

**ଖୋର୍ଦ୍ଧା, ୧୦।୪(ସମିସ)**

୨୦୨୪ ସାଧାରଣ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭୁବନେଶ୍ୱର ଲୋକସଭା ଅନ୍ତର୍ଗତ ୭ନିର୍ବାଚନ ମଣ୍ଡଳୀ ଖୋର୍ଦ୍ଧା, ବେଗୁନିଆ, ଜଟଣୀ, ଭୁବନେଶ୍ୱର-ଏକାମ୍ର, ମଧ୍ୟ ଓ ଉତ୍ତର ସମେତ ଜୟଦେବ ଏବଂ ପୁରୀ ଲୋକସଭା ଅନ୍ତର୍ଗତ ଚିଲିକା ବିଧାନସଭା ମୋଟ ୮ ନିର୍ବାଚନ ମଣ୍ଡଳୀ ପାଇଁ ଖୋର୍ଦ୍ଧା ଇଭିଏମ, ଭିଭିପାର୍ଟ ୱେର ହାଉସ(ଗୋଦାମ ଗୃହ)ରୁ ନିର୍ଦ୍ଧାରିତ ଷ୍ଟ୍ରଙ୍ଗରୁମ୍‌କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ସ୍ଥାନାନ୍ତର କରାଯାଇଛି। ଖୋର୍ଦ୍ଧା ଓ ବେଗୁନିଆ ପାଇଁ ଖୋର୍ଦ୍ଧା ଗୋଦାମ ଗୃହ, ଚିଲିକା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଜଟଣୀ, ଜୟଦେବ ସମେତ ଭୁବନେଶ୍ୱର ୩ଟି ମିଶାଇ ମୋଟ ୫ ନିର୍ବାଚନ



ମଣ୍ଡଳୀ ପାଇଁ ଆବଶ୍ୟକୀୟ ଇଭିଏମ, ଭିଭିପାଟ ସହିତ ଅଧିକ ୨୫ ସଂରକ୍ଷିତ ମେସିନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପଠାଯାଇଛି। ଜିଲ୍ଲା ପ୍ରଶାସନର ତଥ୍ୟ ଅନୁଯାୟୀ ପ୍ରଥମ ରାଣ୍ଡୋମାଇଜେସନ ପରେ ଏହି ଇଭିଏମ, ଭିଭିପାର୍ଟକୁ ରିଟର୍ଣ୍ଣିଂ ଅଫିସରଙ୍କ ଉପସ୍ଥିତିରେ ସ୍ଥାନାନ୍ତରିତ କରାଯାଇଛି। ଷ୍ଟ୍ରଙ୍ଗରୁମ ସିସିଟିଭି ସର୍ଭେଲାନ୍ସ ଏବଂ ପୁଲିସର ସୁରକ୍ଷାବଳୟ ମଧ୍ୟରେ ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କ ସୂଚନା ଅନୁସାରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଜୟଦେବ ନିର୍ବାଚନ ମଣ୍ଡଳୀର ମୋଟ ୨୩୬ଟି ଭୋଟ ଗ୍ରହଣ କେନ୍ଦ୍ର ସ୍ଥିର କରାଯାଇଥିବାବେଳେ ଭୁବନେଶ୍ୱର (ମଧ୍ୟ)ରେ ୧୯୯ କେନ୍ଦ୍ର, ଭୁବନେଶ୍ୱର (ଉତ୍ତର)ରେ ୨୪୯ କେନ୍ଦ୍ର, ଭୁବନେଶ୍ୱର (ଏକାମ୍ର)ରେ ୨୨୮ କେନ୍ଦ୍ର, ଜଟଣୀରେ ୨୫୪ କେନ୍ଦ୍ର, ବେଗୁନିଆରେ ୨୩୯ କେନ୍ଦ୍ର, ଖୋର୍ଦ୍ଧାରେ ୨୫୬ କେନ୍ଦ୍ର, ଚିଲିକାରେ ୨୪୬ଟି କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ଅର୍ଥାତ ଜିଲ୍ଲାର ୮ଟି ନିର୍ବାଚନ ମଣ୍ଡଳୀରେ ୧୯୦୭ଟି ଭୋଟ ଗ୍ରହଣ କେନ୍ଦ୍ର ପାଇଁ ୨୩୮୪ ବାଲାଟ ୟୁନିଟ ସହିତ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ୨୫୭୧ଟି ଭିଭିପାଟ ଓ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୭୧୯ଟି ଭିଭିପାଟ ଗଚ୍ଛିତ ରଖାଯାଇଛି ବୋଲି ଜଣାଯାଇଛି। ଏହି ମେସିନ ସ୍ଥାନାନ୍ତରିତ ବେଳେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ଖୋର୍ଦ୍ଧା ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ବିଡିଓ ତହସିଲଦାର, ପୁଲିସ ପ୍ରମୁଖ ଉପସ୍ଥିତ ଥିଲେ।

## ● ପୂର୍ବ ଶତ୍ରୁତାରୁ ଆକ୍ରମଣ

# ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍

**ଖୋର୍ଦ୍ଧା, ୧୦।୪(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଥିବା ମାମଲାର ରାୟ ୧୨ବର୍ଷ ପରେ ପ୍ରକାଶ ପାଇଛି। ଖୋର୍ଦ୍ଧା ମହିଳା କୋର୍ଟରେ ଆଜି ଏହି ମାମଲାର ବିଚାର ମହିଳା ବିଚାରପତି ଚିନ୍ମୟୀ ରଥ କରି ୨ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଅନ୍ୟ ଦୁଇ ମହିଳା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ୨୦୧୨ ମସିହା ଜୁଲାଇ ୩ ତାରିଖ ସକାଳ ସମୟରେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅର୍ନ୍ତଗତ ରାମଚନ୍ଦ୍ରପୁର ଗ୍ରାମର ନଳକୂପଠାରେ ସେହି ଗ୍ରାମର ସଞ୍ଜୁ ଦେଇଙ୍କ ସ୍ୱାମୀ ଦୁଃଶାସନ ନାୟକ ଠିଆ ହୋଇଥିଲେ। ତେବେ ୱାର୍ଡ ନିର୍ବାଚନକୁ କେନ୍ଦ୍ର କରି ସେହି ଗ୍ରାମର ଦିଲୀପ କୁମାର ନାୟକ ଓରଫ ଦିଲି(୫୦) ଓ ମହାଜନ ନାୟକ ଓରଫ ସୁବାସ(୪୫) ହଠାତ ନଳକୂପ ପାଖକୁ

## ● ନିର୍ଦ୍ଦୋଷରେ ଖଲାସ ହେଲେ ୨ ମହିଳା

ଆସି ଦୁଃଶାସନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ଦୁଃଶାସନଙ୍କର ମୁଣ୍ଡ ଫାଟି ରକ୍ତାକ୍ତ ହୋଇଥିବାବେଳେ ହାତ ମଧ୍ୟ ଭାଙ୍ଗିଯାଇଥିଲା। ସେହି ସମୟରେ ତାଙ୍କ ପତ୍ନୀ ସଞ୍ଜୁ ଦେଇ ଏଥିରେ ପ୍ରତିବାଦ କରିବାରେ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ତେବେ ପ୍ରମିଳା ନାୟକ ଓ ପୁଷ୍ପା ନାୟକ ମଧ୍ୟ ଏଥିରେ ସହାୟତା କରି ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସ୍ୱାମୀ ଓ ସ୍ତ୍ରୀ ଉଭୟ ଗୁରୁତର ଆହତ ହୋଇ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ପତ୍ନୀ ସଞ୍ଜୁ ଦେଇଙ୍କ ଅଭିଯୋଗ କ୍ରମେ ବୋଲଗଡ଼ ପୁଲିସ ଏକ ମକଦ୍ଦମା ରୁଜୁ କରିଥିଲା। ବାଙ୍କୋଇ ଫାଣ୍ଡି ଅଧିକାରୀ ତଦନ୍ତ କରି ଅଭିଯୁକ୍ତ ଦୀଲିପ ନାୟକ, ମହାଜନ ନାୟକ, ପ୍ରମିଳା ନାୟକ, ପୁଷ୍ପା ନାୟକଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲେ। ତେବେ ଏହି ମକଦ୍ଦମା (ଜିଆର-୮୭୯/୨୦୧୨)ର ଶୁଣାଣି କରି ଆଜି ଅଭିଯୁକ୍ତ ଦୀଲିପ ନାୟକ ଓ ମହାଜନ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। କିନ୍ତୁ ପ୍ରମିଳା ଓ ପୁଷ୍ପା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସରକାରୀ ଓକିଲ ଅରୁଣ ସ୍ୱାଇଁ ଓ ବୀରେନ୍ଦ୍ର ପ୍ରହରାଜ ମକଦ୍ଦମା ପରିଚାଳନା କରିଥିଲେ।

# ୨୮ ବସ୍ତା ଭାଙ୍ଗ ଜବତ; ୨ ଗିରଫ

**ଖୋର୍ଦ୍ଧା, ୧୦।୪(ସମିସ):** ସ୍ଥାନୀୟ ମେଡିକାଲ ଛକ ନିକଟରେ ଅବକାରୀ ପୁଲିସ ଚଢ଼ଉ କରି ୨୮ ବସ୍ତା ଭାଙ୍ଗ ସମେତ ବଲେରୋ ପିକ୍‌ଅପ୍ ଗାଡ଼ିକୁ ଜବତ କରିଛି। ଏହି ଘଟଣାରେ ଅବକାରୀ ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ନୟାଗଡ଼ ଓଡ଼ଗାଁ ଥାନା ଅନ୍ତର୍ଗତ ରଗଡ଼ିମାଡର ସନ୍ତୋଷ ପାତ୍ର(୪୨) ଓ କନ୍ଧମାଳ ଜିଲ୍ଲା ରାଇକିଆ ଥାନା ରାଇକିଆ ଗ୍ରାମ ମାଧବ



ଦିଗଲ(୨୬)। ଜବତ ଭାଙ୍ଗ ୮୪୦ କେଜି ଥିବାବେଳେ ଏହାର ମୂଲ୍ୟ ୮ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି।

ସୂଚନା ଅନୁସାରେ, ନୟାଗଡ଼ ଦିଗରୁ ଏକ ବେଆଇନ ଭାଙ୍ଗ ବୋଝେଇ ଗାଡ଼ି ଆସୁଥିବା ବିଶେଷ ସୂତ୍ରରୁ ଅବକାରୀ ବିଭାଗ ଖବର ପାଇଥିଲା। ତାଙ୍କୁ ଧରିବା ଲାଗି ଅବକାରୀ ଇନ୍‌ସପେକ୍ଟର ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଓ ଖୋର୍ଦ୍ଧା ଅବକାରୀ ବିଭାଗ ଟିମ୍ ମେଡିକାଲ ଛକ ଠାରେ ଚଢ଼ଉ କରି ନୟାଗଡ଼ ଓ କନ୍ଧମାଳ ଜିଲ୍ଲା ପଟୁ ଆସୁଥିବା ଗୋଟିଏ ବୋଲେରୋକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୮ ବସ୍ତା ତଥା ୮୪୦ କିଲୋ ଭାଙ୍ଗ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲେ। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଶ୍ରୀଜଗନ୍ନାଥ ମହୋତ୍ସବରେ ଅପରାଜିତାଙ୍କ ନିର୍ବାଚନୀ ଭାଷଣ



## ସାଧାରଣରେ ତୀବ୍ର ଅସନ୍ତୋଷ

**ବେଗୁନିଆ, ୧୦।୪(ସମିସ):** ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗାମଣ୍ଡପ ନିକଟସ୍ଥ ମା'କାଳିକା ଦେବୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୬ଦିନ ବ୍ୟାପୀ ଶ୍ରୀଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଦିକ ମହାଯଜ୍ଞ, ଶ୍ରୀଜଗନ୍ନାଥ କଥାମୃତ, ଶ୍ରୀଜୀଉଙ୍କ ଚବିଶ ବେଶ, ଶ୍ରୀ ଅଙ୍ଗ ଲାଗି ବସ୍ତ୍ର ଓ ଉପକରଣ ସହ ଛପନ ଭୋଗ ଆଦି ପ୍ରଦର୍ଶନ ହୋଇଛି।

ଏଥିରେ ଶ୍ରୀ ଜଗନ୍ନାଥଙ୍କ କୁଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଏହି ମହୋତ୍ସବର ଆୟୋଜିତ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟନ ହେବାକୁ ଥିବା ଶ୍ରୀଜଗନ୍ନାଥ ମହୋତ୍ସବରେ ଆୟୋଜକ କର୍ମକର୍ତ୍ତା ନିମନ୍ତ୍ରିତ ଅତିଥିମାନଙ୍କ ଅପେକ୍ଷାରେ ଥିବାବେଳେ ପଡ଼ିଆରେ 'ଜୟ ଶ୍ରୀରାମ' ନାରା ଦେଇ ଏକ ବାଇକ୍‌ରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସହ ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ପହଞ୍ଚି ଥିଲେ। ଶ୍ରୀଜଗନ୍ନାଥଙ୍କ ପଣ୍ଡିତ ସମାଜ ମଞ୍ଚ ଉପରେ ଶ୍ରୀଜଗନ୍ନାଥଙ୍କୁ ପଛରେ ରଖି ଭାଷଣବାଜି ଆରମ୍ଭ କରି ଶ୍ରୀଜଗନ୍ନାଥଙ୍କ ଉପରେ କୌଣସି ବକ୍ତବ୍ୟ ପ୍ରଦାନ କରି ନଥିଲେ। ପ୍ରତି ବଦଳରେ ସାଂସଦ ଭାଷଣରେ ନିର୍ବାଚନ ପ୍ରଚାର କରିଥିବା ବେଳେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପ୍ରକାର ବେଶ ଦର୍ଶନ କରିବା ପାଇଁ ଗଲେ ନାହିଁ। ତେବେ ଅପରାଜିତାଙ୍କ ଏପରି ଆଚରଣ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ତାଚ୍ଛଲ୍ୟ କରିଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସମାଲୋଚନାର ଶିକାର ହୋଇଛନ୍ତି। ପ୍ରକାଶ ଥାଉକି, ଅପରାଜିତାଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଦଳୀୟ କର୍ମୀ ତାଙ୍କୁ ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିରୋଧ କରୁଥିବାବେଳେ ନିକଟରେ ଉଗ୍ରତାରାଙ୍କ ଦର୍ଶନ କରିବାକୁ ଯାଇ ସେଠାରେ ମା'ଙ୍କ ପାଦୁକ ନପାଇ ତଳେ ଢାଳି ହଟହଟା ହୋଇଥିଲେ।

# ୯୪ ଲିଟର ମଦ ଜବତ; ୪ ଗିରଫ



**ବେଗୁନିଆ, ୧୦।୪(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ ମଦ ଓ ଖଜୁର ତାଡି ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ, ଗିରିଗିରିଆ ଗ୍ରାମର ପ୍ରଫୁଲ୍ଲ କୁମାର କହଲ ସିଂହଙ୍କଠାରୁ ୧୬ ଲିଟର, ଶ୍ରୀରାମପୁର ଗ୍ରାମର ବିଜୟ କୁମାର ନାୟକଙ୍କ ଠାରୁ ୧୮ ଲିଟର, ବାଙ୍କୋଇ ଗ୍ରାମର ପ୍ରଭାତ କୁମାର ବରାଡଙ୍କ ଠାରୁ ୨୦ ଲିଟର ଓ ପିଚୁକୁଳି ଗ୍ରାମର ବବୀନ୍ଦ୍ର ବେହେରାଙ୍କଠାରୁ ୪୦ ଲିଟର ଖଜୁରି ତାଡ଼ି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବିଭିନ୍ନ କ୍ଲଷ୍ଟର୍‌ରେ 'ଆମ ସଂସ୍କୃତି ଓ ଆମ ଖେଳଣା' କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ୧୦।୪(ସମିସ):** ଖୋର୍ଦ୍ଧା ଶିକ୍ଷା ବ୍ଲକ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରରେ 'ଆମ ସଂସ୍କୃତି ଆମ ଖେଳଣା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତରେ ଜାଗୁଳେଇପାଟଣା କ୍ଲଷ୍ଟରରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଦୁଇ ଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ସ୍ଥାନୀୟ ତରତୁଆ ସରକାରୀ ଉ.ପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମିୟ କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ବାରିକ ଏହାକୁ ଉଦ୍‌ଘାଟନ କରି ଏହାଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ବିକାଶ କରିବାରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ। ହଜି ଯାଇଥିବା କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପୁନଃଉତ୍‌ଥାନ କରିବା ସହିତ ଏହାକୁ କୁନି କୁନି ଛାତ୍ରଛାତ୍ରୀମାନଙ୍କ ନିକଟରେ ପହଞ୍ଚାଇବା ଏକ ପ୍ରୟାସ। ଆହୁରି ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହିଥିଲେ। ଏଥିରେ ୧୧ ଟି ବିଦ୍ୟାଳୟର ୩୦ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସେହିପରି ବଘେଇଟାଙ୍ଗି



ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା ପ୍ରଧାନ ଶିକ୍ଷକ ଅଶୋକ ଦାଶଙ୍କ ତତ୍ତ୍ୱାବଧାନ ଓ ସିଆରସିସି ବିକାଶ କୁମାର ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ କେରଙ୍ଗ ଓ ହଳଦିଆ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି ଦୁଇ ଦିନ ଭାଷା ଓ ଗଣିତ ସମ୍ବନ୍ଧୀୟ ଖେଳନା ପ୍ରସ୍ତୁତି ଓ ସେଗୁଡ଼ିକୁ ଶ୍ରେଣୀୱାରୀ ଧାରଣା ଭିତ୍ତିକ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁଶାନ୍ତ ରାଉତ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ଏଭଳି କାର୍ଯ୍ୟକ୍ରମ ପିଲାମାନଙ୍କ ଶିକ୍ଷାରେ ଆଉ ଦୁଇ ପାଦ ବଢ଼ିବ ବୋଲି କହିଥିଲେ। କର୍ମଶାଳାଟି ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ନିମିତ ଉପଯୋଗୀ ହେବା ସହ ଶ୍ରେଣୀଗୃହରେ ପିଲାମାନେ ଆନନ୍ଦରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ।

# ମା' ଉଗ୍ରତାରାଙ୍କ ତୋରଣ ପୁନଃ ନିର୍ମାଣ ଦାବି

**ଭୂଷଣ୍ଡପୁର, ୧୦।୪(ସମିସ):** ୧୬ନଂ ଜାତୀୟ ରାଜପଥରୁ ୩ କି ମି ଭିତରକୁ ଗଲେ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶକ୍ତି ପୀଠ ମା' ଉଗ୍ରତାରାଙ୍କ ମନ୍ଦିର ରହିଛି। ଏଠାକୁ ବର୍ଷତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକଙ୍କୁ ମନ୍ଦିରର ଅବସ୍ଥିତି ସମ୍ପର୍କରେ ଜଣାଇବା ନିମନ୍ତେ ଜାତୀୟ ରାଜପଥରେ ଏକ ସୁଉଚ୍ଚ ତୋରଣ ନିର୍ମାଣ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉଡ଼ନ୍ତା ପୋଲ ନିର୍ମାଣ ଫଳରେ ଉକ୍ତ ତୋରଣଟି ଭଲ ଭାବରେ ଦୃଶ୍ୟମାନ ହେଉନାହିଁ। ଫଳରେ ବହୁ ସମୟରେ ପର୍ଯ୍ୟଟକଙ୍କୁ ଠିକଣା ସ୍ଥାନରେ ପହଞ୍ଚିବାକୁ ଅସୁବିଧା ହେଉଛି। ତେଣୁ ଉକ୍ତ ତୋରଣର ପୁନଃ ନିର୍ମାଣ କିମ୍ବା ଏହାର ବିକଳ୍ପ ବ୍ୟବସ୍ଥା କରିବା ଦିଗରେ ଜିଲ୍ଲାପ୍ରଶାସନ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ତ୍ରୟୋଦଶ ଶମ୍ଭୁଦଣ୍ଡ ମହାମିଳନ

# ପୂଜାର୍ଚ୍ଚନା ସହ ଆଶୀର୍ବାଦ ନେଲେ ଶ୍ରଦ୍ଧାଳୁ






**ନିରାକାରପୁର, ୧୦।୪(ସମିସ)**

ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ ପଡ଼ିଆରେ ମହାସମାରୋହରେ ତ୍ରୟୋଦଶ ଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରାକାରପୁର ଗ୍ରାମର ନୀଳକଣ୍ଠେଶ୍ୱର ଦେବ, ଲେଣ୍ଡୁର ଚନ୍ଦନେଶ୍ୱର ଦେବ, ଷୋଡରପୁର କପିଳେଶ୍ୱର ଦେବ, ବାଦୁରବର କୁମୁଦେଶ୍ୱର ଦେବ, ବୋଦଙ୍ଗରା ଲୋକନାଥ ଦେବ, ଆସେଲି ଚନ୍ଦନେଶ୍ୱର ଦେବ, ଅରାଞ୍ଚଳର ଗ୍ରାମେଶ୍ୱର ଦେବ, ବାଲିଗାଁ କପିଳେଶ୍ୱର ଦେବ, ଗୋଳବାଇ ଗୁଣ୍ଡୁଣୀ କୃଷ୍ଣେଶ୍ୱର ଦେବ, ରୋଷଣା ଇଷାନେଶ୍ୱର୍ ଦେବ, ପାଣ୍ଡବପାଟଣାର କପିଳେଶ୍ୱର ଦେବ ପଟୁଆର ଧରି ନିରାକାରପୁର ଥାନାପତି ନୀଳକଣ୍ଠେଶ୍ୱର ଦେବଙ୍କ ପଡ଼ିଆକୁ ଯାଇ ପହଞ୍ଚିଲା ପରେ ସମସ୍ତ ଠାକୁର ହାଇସ୍କୁଲ ପଡ଼ିଆକୁ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ସେଠାରେ ଭକ୍ତମାନେ ପୂଜାର୍ଚ୍ଚନା କରିବା ସହିତ ମହା ମିଳନର ଅପୂର୍ବ ଦୃଶ୍ୟକୁ ଦର୍ଶନ କରି ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। ଏହି ଅବସରରେ ଭକତା ମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କଳାକୌଶଳ ଦଣ୍ଡ ନୃତ୍ୟ ପ୍ରଦର୍ଶନ କରିଥିଲେ। ଆତାସବାଜିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା।

ଏହି ମହାମିଳନ ଦିବ୍ୟ ଦର୍ଶନ କରିବାକୁ ପଡ଼ିଆରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ୍ୟ ଆସି ଆଶୀର୍ବାଦ ଲାଭ କରିଥିଲେ। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ନେତୃତ୍ୱରେ ପୁଲିସ ବାହିନୀ ଉପସ୍ଥିତି ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ରବୀନ୍ଦ୍ର ରାଉତରାୟ, ସମ୍ପାଦକ ସତ୍ୟବାଦୀ ବଳବନ୍ତରାୟ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତରାୟ, ଉପଦେଷ୍ଟା ବିପିନ କୁମାର ଜୟସିଂହ, ହୃଷିକେଶ ରାଉତରାୟ, ବିଜୟ କୁମାର ଜୟସିଂହ, ନବ କିଶୋର ସାହୁ, ବିପିନ ରାଉତରାୟ, ସୁକାନ୍ତ ବେହେରା, ରାଜେଶ ସାହୁ, ଆର୍ତ୍ତତ୍ରାଣ ରାଉତରାୟ, ନୃସିଂହ ସେନାପତି, ପ୍ରଫୁଲ୍ଲ ବାରିକ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘୋଷକ ଭାବେ ଡଃ. ସଞ୍ଜୟ ମହାପାତ୍ର ଡଃ. ମୃତ୍ୟୁଞ୍ଜୟ ରଥ, ଡଃ. ପୂର୍ଣ୍ଣଚନ୍ଦ୍ର ଦାସ, ପଣ୍ଡିତ ଶ୍ୟାମ ସୁନ୍ଦର ପଟ୍ଟନାୟକ, ଶିକ୍ଷକ କମଳ ଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇ ଶମ୍ଭୁ ମିଳନ ଅବସରରେ ପ୍ରବଚନ ପ୍ରଦାନ କରିଥିଲେ। ଏହି ଅବସରରେ ଏହି ପବିତ୍ର ସ୍ଥଳକୁ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ଓ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ।

# ମୋବାଇଲ୍ ଲୁଟ୍ ଅଭିଯୋଗରେ ୨ ଗିରଫ



**ଜଟଣୀ, ୧୦।୪(ସମିସ):** ସୋମବାର ଜଣେ ମହିଳା ରେଳ କର୍ମଚାରୀ ଡିଉଟି ଯିବା ସମୟରେ ୨ ଜଣ ଲୁଟେରା ବାଇକ୍‌ରେ ଆସି ତାଙ୍କଠାରୁ ମୋବାଇଲ ଛଡାଇ ନେଇଥିଲେ।

ଏନେଇ ମହିଳା କର୍ମଚାରୀଙ୍କ ଭାଇ ହୃଷି ରାଓ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ଜଟଣୀ ପୁଲିସ ଗତକାଲି କୁଦିଆରୀ ଖେଳ ପଡ଼ିଆ ଅଞ୍ଚଳରେ ଚଢ଼ଉ କରି ୨ ଲୁଟେରାଙ୍କୁ କାବୁ କରିଥିଲା। ଲୁଟେରା ଦୁଇଜଣ ହେଲେ ଜଟଣୀ ଥାନା ବୁଢାପଡ଼ା ଗାଁର ବୃନ୍ଦାବନ ସାହୁ ଏବଂ ଖଗେଶ୍ୱର ପ୍ରଧାନ। ସେମାନଙ୍କଠାରୁ ୫ଟି ଚୋରି ମୋବାଇଲ ଏବଂ ଲୁଟ୍‌ରେ ବ୍ୟବହାର ହେଉଥିବା ବାଇକ୍ ଜବତ କରାଯାଇଛି। ଉଭୟ ପେସାଦାର ଲୁଟେରା। ଉଭୟଙ୍କ ନାମରେ ଜଟଣୀ ଥାନାରେ ୫ରୁ ଅଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ଲୁଟେରା ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୭୧
- ୟୁରୋ ୯୦.୦୩ ● ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୯୦୦ (ଭୁବନେଶ୍ୱର)
- ରୁପା : ୮୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୦୩୮.୦୦
- ନିଫ୍ଟି ୨୨,୭୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଚମକୁଛି ଭାରତୀୟ ବଜାର : ସେନ୍‌ସେକ୍ସ ବନାମ୍ ସୁନା

# ସୁନାଠାରୁ ସେୟାର ବଜାର ଦେଇଛି ନିବେଶକଙ୍କୁ ଅଧିକ ରିଟର୍ଣ୍ଣ

ନୂଆଦିଲ୍ଲୀ,୧୦।୪(ଏଜେନ୍ସି)

୨୦୨୪ରେ ଭାରତୀୟ ବଜାରରେ ଉତ୍ସାହ ଧାରା ଜାରି ରହିଛି। ଘରୋଇ ଇକ୍ୱିଟି ବଜାର ସାରା ବିଶ୍ୱରେ ବର୍ତ୍ତମାନ ତାର ଦବ୍‌ଦବା ଜାରି ରଖିଛି। ଏଥିରେ ପଛରେ ପଡିଛି ସୁନା ବଜାର। ଉଭୟରୁ ନିବେଶକ କମାଉଛନ୍ତି ଭରପୂର ଲାଭ। ତେବେ ୨୦୨୪ରେ ସୁନା ଅପେକ୍ଷା ଘରୋଇ ସେୟାର ବଜାର ଅର୍ଥାତ୍ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ନିବେଶକଙ୍କୁ ଭଲ ରିଟର୍ଣ୍ଣ ଦେଇଛି। ଯଦି ଆମେ ବିଗତ ୨୦ ବର୍ଷକୁ ବିଚାରକୁ ନେବା ତାହେଲେ ଜଣାପଡିବ ଯେ, ଏହି ସମୟ ମଧ୍ୟରେ ସୁନା ମୂଲ୍ୟରେ ୧୧୫୦% ଏବଂ ସେନ୍‌ସେକ୍ସ ୧୨୫୦% ବୃଦ୍ଧି ଘଟିଛି। ବର୍ତ୍ତମାନ ଘରୋଇ ବଜାରରେ ଉଭୟ ସେନ୍‌ସେକ୍ସ ଏବଂ ସୁନା ମୂଲ୍ୟରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୭୩,୪୦୦ ଟଙ୍କାରେ ପହଞ୍ଚିଥିବାବେଳେ ସେନ୍‌ସେକ୍ସ ୭୫,୦୩୮ ପଏଣ୍ଟ ସ୍ତର ଛୁଇଁଛି।




ଭାରତୀୟ ସେୟାର ବଜାରର ଦୁଇଟି ଯାକ ଇଣ୍ଡେକ୍ସ ସେନ୍‌ସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ଆର୍ଥିକବର୍ଷ ୨୦୨୩-୨୪ରେ ସୁନା ଅପେକ୍ଷା ନିବେଶକଙ୍କୁ ବେଶ ଭଲ ରିଟର୍ଣ୍ଣ ଦେଇଛି। ଦେଶର ଆର୍ଥି ସ୍ଥିତି ବେଶ ମଜଭୁତ ରହିଥିବା ଯୋଗୁ ଗତ ଆର୍ଥିକବର୍ଷରେ ବଜାରକୁ ବହୁତ ବିଦେଶୀ ନିବେଶ ଆସିଥିଲା। ଉଭୟ ବିଦେଶୀ ଏବଂ ଘରାଇ ନିବେଶକମାନେ ବଜାରରେ କ୍ରମାଗତ ଭାବେ କିଣାବିକା ଜାରି ରଖିବା ଫଳରେ ସେନ୍‌ସେକ୍ସ ଆର୍ଥିକବର୍ଷ ୨୦୨୩-୨୪ରେ ସର୍ବକାଳନ ରେକର୍ଡ ପ୍ରତିଷ୍ଠା ହୋଇଥିଲା। ୨୦୨୩-୨୪ରେ ସେନ୍‌ସେକ୍ସ ନିବେଶକଙ୍କୁ ଯଥାକ୍ରମେ ୨୨% ଏବଂ ୨୯% ରିଟର୍ଣ୍ଣ ଦେଇଥିଲା। ତେବେ ଏହି ସମୟରେ ଏମ୍‌ସିଏକ୍ସ ଗୋଲ୍ଡ ଏବଂ ଇଣ୍ଟରନ୍ୟାସନାଲ ଗୋଲ୍ଡ ଯଥାକ୍ରମେ ୧୨.୫ ପ୍ରତିଶତ ଏବଂ ୧୩.୨ ପ୍ରତିଶତ ରିଟର୍ଣ୍ଣ ଦେଇଛି। ୨୦୨୩-୨୪ ଆର୍ଥିକବର୍ଷରେ ସେନ୍‌ସେକ୍ସ ନିବେଶକଙ୍କୁ ପାଖାପାଖି ଦୁଇ ଗୁଣ ଅଧିକ ରିଟର୍ଣ୍ଣ ଦେଇଛି। ଅପରପକ୍ଷେ କ୍ରମାଗତ ଭାବେ ୭ମ ବର୍ଷ ପାଇଁ ଏମ୍‌ସିଏକ୍ସ ଗୋଲ୍ଡ ଏହାର ନିବେଶକଙ୍କୁ ସକାରାତ୍ମକ ଲାଭ ଦେଇଛି। ସେହିପରି ଇଣ୍ଟରନ୍ୟାସନାଲ ଗୋଲ୍ଡ ମଧ୍ୟ ନିବେଶକାରୀଙ୍କୁ କ୍ରମାଗତ ଭାବେ ୪ର୍ଥ ଥର ପାଇଁ ସକାରାତ୍ମକ ରିଟର୍ଣ୍ଣ ପ୍ରଦାନ କରିଛି। ଏ ସମ୍ପର୍କରେ ୱେଲ୍‌ଥ ମିଲ୍ସ ସିକ୍ୟୁରିଟିଜ୍‌ର ଇକ୍ୱିଟି ଷ୍ଟ୍ରାଟେଜୀର ନିର୍ଦ୍ଦେଶକ କ୍ରାନ୍ତି ବୈଥିନୀ କହିଛନ୍ତି ଯେ, ଭାରତର ମଜଭୁତ ଆର୍ଥିକ ଅଭିବୃଦ୍ଧି ଏବଂ ଆର୍ଥିକ ଉତ୍ପାଦରେ ବଢ଼ୁଥିବା ରୁଚି କାରଣରୁ ବର୍ତ୍ତମାନ ସୁନା ଇକ୍ୱିଟିଠାରୁ ପଛରେ ପଡିଯାଇଛି। ଶେୟାର ବଜାରରେ ବୃଦ୍ଧି କାରଣରୁ ନିବେଶକମାନେ ସୁନା ଏବଂ ରିଅଲ ଇଷ୍ଟେଟ୍ ଭଳି ଫିଜିକାଲ ସମ୍ପତ୍ତି ସ୍ଥାନରେ ସେୟାର ଭଳି ଆର୍ଥିକ ସମ୍ପତ୍ତିରେ ନିବେଶ ପ୍ରତି ଆଗ୍ରହ ଦେଖାଉଛନ୍ତି। ସୁନା ତୁଳନାରେ ସେୟାର ବଜାରରେ ନିବେଶ ଅଧିକ ବିପଦପୂର୍ଣ୍ଣ। ତଥାପି ଷ୍ଟକ୍ କାରବାରୁ ମିଳୁଥିବା ଅତ୍ୟଧିକ ରିଟର୍ଣ୍ଣ ନିବେଶକଙ୍କୁ ଅଧିକ ମାତ୍ରାରେ ନିବେଶ କରିବାକୁ ପ୍ରୋତ୍ସାହିତ କରୁଛି।

**ସେନ୍‌ସେକ୍ସରୁ ମିଳିଛି ଦୁଇ ଗୁଣ ଅଧିକ ଲାଭ**

**୨୦ ବର୍ଷରେ ସୁନା ମୂଲ୍ୟ ୧୧୫୦%, ସେନ୍‌ସେକ୍ସ ୧୨୫୦% ବଢ଼ିଛି**

## ସୁନା ମୂଲ୍ୟରେ ନୂଆ ସର୍ବକାଳୀନ ରେକର୍ଡ

### ୭ ଦିନରେ ଦର ୪୫୮୦ ଟଙ୍କା ବଢ଼ିଛି

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ବିବାହ ଋତୁ ସହ ତାଳ ଦେଇ ଘରୋଇ ବଜାରରେ ସୁନା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଘରୋଇ ବଜାରରେ ସୁନା ଦରରେ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ବୁଧବାର ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୩,୪୦୦ ହଜାର ଟଙ୍କା ସ୍ତର ଛୁଇଁବାକୁ ବସିଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ମାତ୍ର ସପ୍ତାହକ ମଧ୍ୟରେ ବଜାରରେ ସୁନା ମୂଲ୍ୟ ୪୫୮୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୬,୦୦୦ ଟଙ୍କା ଛୁଇଁଛି, ଯାହାକି ଏହି ଧାତୁ ମୂଲ୍ୟକୁ ଆଉ ଏକ ରେକର୍ଡ ସ୍ତରରେ ପହଞ୍ଚାଇଛି।

ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୧,୭୪୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୬୫,୭୬୦ ଟଙ୍କାରେ ପହଞ୍ଚିଛି। ତେବେ ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୫,୯୦୦ ଟଙ୍କା ଛୁଇଁଛି। ସେହିପରି ଦେଶରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୪,୪୦୦ ଟଙ୍କାରେ ପହଞ୍ଚିଛି। ତେବେ ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ରୁପା ମୂଲ୍ୟ ୮୬,୦୦୦ ଟଙ୍କା ଛୁଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି।

**ସୁନା ୧୦ ଗ୍ରାମ ପିଛା ୭୩,୪୦୦ ଟଙ୍କା**

**ରୁପା କିଲୋ ୮୬ ହଜାର ଛୁଇଁଲା**

## ଓଡ଼ିଶାର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରିବ ସବୁଜ ବିଲ୍ଡିଂ

**ଭୁବନେଶ୍ୱର,୧୦।୪(ସମିସ):** ବିଗତ କିଛି ବର୍ଷ ମଧ୍ୟରେ ନିର୍ଗମନ ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ୨୦୨୨ ସୁଦ୍ଧା ମୁଣ୍ଡପିଛା ନିର୍ଗମନ ୨ ଟନ୍‌ରେ ପହଞ୍ଚିଛି। ଏଥିପାଇଁ ଆଗାମୀ ଦିନରେ ସବୁଜ ବିଲ୍ଡିଂ ଏବଂ ଦୀର୍ଘ ସ୍ଥାୟୀ ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦେବାକୁ ପୂର୍ତ୍ତ ବିଭାଗର ମୁଖ୍ୟ (ସିଭିଲ୍) ଯନ୍ତ୍ରୀ ମନୋରଞ୍ଜନ ମିଶ୍ର କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ଅବକ୍ଷୟର ମୁକାବିଲା ପାଇଁ ବିଶ୍ୱସ୍ତରୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୁଧବାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଇଣ୍ଡିଆନ ଗ୍ରୀନ ବିଲ୍ଡିଂ କାଉନସିଲ(ଆଇଜିବିସି) ପକ୍ଷରୁ ଆୟୋଜିତ ଗ୍ରୀନ ଓଡ଼ିଶା କନକେଭ୍‌ଲ୍‌ରେ ଯୋଗ ଦେଇ ଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କ ପରିବେଶ ସମସ୍ୟା ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଗ୍ରୀନ ବିଲ୍ଡିଂ ଓ ସବୁଜ ପ୍ରକଳ୍ପ ବ୍ୟତୀତ ଆମ ପାଖରେ କୌଣସି ବିକଳ୍ପ ନାହିଁ ବୋଲି କହିଥିଲେ।

**ସିଆଇଆଇ ସବୁଜ ଓଡ଼ିଶା କନ୍‌କ୍ଲେଭ**

କାର୍ଯ୍ୟକ୍ରମରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ତଥା ଏସଏନଏମ ଗ୍ରୁପ ଅଧ୍ୟକ୍ଷ ଡଃ ପ୍ରଦୀପ୍ତ ମହାନ୍ତି ଓଡ଼ିଶାକୁ ସବୁଜ ପଦକ୍ଷେପର ଅଗ୍ରଣୀ ଭାବେ ଅବସ୍ଥାପିତ କରିବା ପାଇଁ ମିଳିତ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଜିବିସି ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ମନୋଜ କର ସ୍ୱାଗତ ଭାଷଣ ଦେଇ ଜଳବାୟୁ ପରିବର୍ତ୍ତନର ମୁକାବିଲାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବାଙ୍ଗାଲୋର ଭଳି ସହରରେ ଘୋର ଜଳ ସଙ୍କଟ ଦେଖାଦେଉଥିବା ବେଳେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମେ ପ୍ରତ୍ୟକ୍ଷ ଭାବେ ଦେଖୁଛୁ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଆଇଜିବିସି ଭୁବନେଶ୍ୱର ଚାପ୍ଟରର ସହଅଧ୍ୟକ୍ଷ ସୋଫିଆ ଫିରଦୋସ୍ ସ୍ୱାଗତ ଭାଷଣ ଦେଇଥିଲେ। ସିଆଇଆଇ ଆଇଜିବିସି ଭୁବନେଶ୍ୱର ଚାପ୍ଟରର ନୂଆ ଅଧ୍ୟକ୍ଷ ଭାବେ ମନଞ୍ଜୟ ରଥ ଓ ସହଅଧ୍ୟକ୍ଷ ଭାବେ ସୋଫିଆ ଫିରଦୌସ ନିର୍ବାଚିତ ହୋଇଛନ୍ତି। ଆଇଜିବିସିର ଉପନିର୍ଦ୍ଦେଶକ ଏମ ଆନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର, ଇଡ୍‌କୋ ସିଜିଏମ୍ ଅଶୋକ ମିଶ୍ର, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏବଂ ବିଏମସି ସିଟି ଇଞ୍ଜିନିୟର ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଡାଲିର ସାପ୍ତାହିକ ଷ୍ଟକ୍ ଲାଗୁ କରିବାକୁ ରାଜ୍ୟଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ଡାଲିର ସାପ୍ତାହିକ ଷ୍ଟକ୍ ପ୍ରକାଶ କରିବାକୁ ସମସ୍ତ ଷ୍ଟକହୋଲ୍ଡିଂ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରିବା ଏବଂ ସେମାନଙ୍କ ଦ୍ୱାରା ଘୋଷିତ ଷ୍ଟକ୍ ଯାଞ୍ଚ କରିବାକୁ କେନ୍ଦ୍ର ସରକାର ବୁଧବାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମୁଖ ବନ୍ଦର ଓ ଡାଲି ଶିଳ୍ପ କେନ୍ଦ୍ରରେ ଥିବା ଗୋଦାମଗୁଡ଼ିକରେ ଷ୍ଟକ୍ ସମୟ ସମୟରେ ଯାଞ୍ଚ କରାଯିବ ଏବଂ ଷ୍ଟକ୍ ସୂଚନା ପୋର୍ଟାଲରେ ମିଥ୍ୟା ସୂଚନା ପ୍ରଦାନ କରୁଥିବା ଷ୍ଟକ୍ ହୋଲ୍ଡିଂ ସଂସ୍ଥାଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଷ୍ଟକ୍ ହୋଲ୍ଡିଂ ସଂସ୍ଥାଗୁଡ଼ିକ ଦ୍ୱାରା ଡାଲି ଷ୍ଟକ୍ ଷ୍ଟକ୍ ପ୍ରକାଶନକୁ ଲାଗୁ କରିବା ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ୨୦୨୪ ଏପ୍ରିଲ ୫ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶ ପରେ ଖାଉଟି ବ୍ୟାପାର ବିଭାଗ ସଚିବ ନିଧି ଖାରେ ଆଜି ସବୁ ରାଜ୍ୟ ଖାଉଟି ବ୍ୟାପାର, ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରମୁଖ ସଚିବ ଓ ସଚିବମାନଙ୍କ ସହ ଏକ ବୈଠକ କରିଛନ୍ତି।

ବେଆଇନ ଭାବେ ଡାଲି ମହଜୁଦ ରଖିବା ଏବଂ କଳବଜାରକୁ ରୋକିବା ପାଇଁ ଡାଲି ସମ୍ପର୍କରେ ଷ୍ଟକ୍ ସ୍ଥିତି ଏବଂ ମୂଲ୍ୟ ଧାରା ଉପରେ ଅଧିକ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ବିଷୟରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଅବଗତ କରାଯାଇଥିଲା। ସେ ଡାଲି ଆମଦାନିକାରୀ ସଂଘ ଏବଂ ଅନ୍ୟ ଡାଲି ଶିଳ୍ପ ପ୍ରତିନିଧିଙ୍କ ସହ ଏକ ବୈଠକ କରିଛନ୍ତି।

**ପ୍ରମୁଖ ଡାଲି ଗୋଦାମରେ ଷ୍ଟକ୍‌ର ହେବ ଯାଞ୍ଚ**

## ୧୨ରେ ଅନୁଗୋଳରେ ଖୋଲିବ କଲ୍ୟାଣ ଜୁଏଲର୍ସ

**ଭୁବନେଶ୍ୱର,୧୦।୪(ସମିସ):** ଗହଣା ବ୍ରାଣ୍ଡ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଅନୁଗୋଳରେ ସମ୍ପୂର୍ଣ୍ଣ ନୂଆ ସୋ'ରୁମ୍ ଶୁଭାରମ୍ଭ ସହିତ ଓଡ଼ିଶାରେ ନିଜ ଉପସ୍ଥିତିର ସମ୍ପ୍ରସାରଣ ବିଷୟରେ ଘୋଷଣା କରାଯାଇଛି। ବଲିଉଡ୍ ତାରକା ସୋନାକ୍ଷୀ ସିହ୍ନା ଏହି ନୂଆ ସୋ'ରୁମ୍‌କୁ ଏପ୍ରିଲ୍ ୧୨ରେ ଉଦ୍‌ଘାଟନ କରିବେ। ଏହା ମାଧ୍ୟମରେ କମ୍ପାନୀ ଅନୁଗୋଳରେ ପ୍ରବେଶ କରିବ। ଏହା ହେଉଛି ଓଡ଼ିଶାରେ କମ୍ପାନୀର ଷଷ୍ଠ ସୋ'ରୁମ୍। ବର୍ତ୍ତମାନ ଏହି ଗହଣା ବ୍ରାଣ୍ଡ ଉପସ୍ଥିତି ଭୁବନେଶ୍ୱର, ରାଉରକେଲା ଓ ବ୍ରହ୍ମପୁର ଭଳି ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ରହିଛି। ଏହି ଅବସରରେ କମ୍ପାନୀ ସର୍ବନିମ୍ନ କ୍ରୟ ମୂଲ୍ୟ ୧ ଲକ୍ଷ ଟଙ୍କା ଉପରେ ଅଧା କ୍ରୟ ମୂଲ୍ୟ ପାଇଁ ଶୂନ ପ୍ରତିଶତ ଗଢ଼ା ମୂଲ୍ୟ ପ୍ରଦାନ କରୁଛି। ଏହି ଅଫର ଗୁଡିକ କେବଳ ସୀମିତ ସମୟ ପାଇଁ ବୈଧ। ନୂଆ ସୋ'ରୁମ୍ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ, ଏକ କମ୍ପାନୀ ଭାବରେ ଆମେ ବିପୁଳ ମାଇଲଖୁଣ୍ଟ ହାସଲ କରିଛୁ ଏବଂ ଗ୍ରାହକଙ୍କ ସପିଂ ଅଭିଜ୍ଞତାକୁ ବଢ଼ାଇବା ପାଇଁ ଏକ ସାମଗ୍ରିକ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ପ୍ରମୁଖ ପଦକ୍ଷେପ ନେଇଛୁ।

## କାବିଲ୍ ଓ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ମଧ୍ୟରେ ଏମଓୟୁ




**ଭୁବନେଶ୍ୱର, ୧୦।୪(ସମିସ):** କ୍ରିଟିକାଲ୍ ମିନେରାଲ କ୍ଷେତ୍ରରେ ଜ୍ଞାନ ଏବଂ ବୈଷୟିକ ସହଯୋଗ ନିମନ୍ତେ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍(କାବିଲ୍) ଓ ସିଏସ୍‌ଆଇଆର–ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଏମ୍‌ଏମ୍‌ଟି) ମଧ୍ୟରେ ଆଜି ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ନାଲକୋ କର୍ପୋରେଟ କାର୍ଯ୍ୟାଳୟରେ ସିଏମଡି ନାଲକୋ ତଥା କାବିଲ୍ ଅଧ୍ୟକ୍ଷ ଶ୍ରୀଧର ପାତ୍ରଙ୍କ ଉପସ୍ଥିତିରେ ନାଲକୋ ନିର୍ଦ୍ଦେଶକ(ବାଣିଜ୍ୟିକ) ତଥା କାବିଲ୍ ସିଇଓ, ସଦାଶିବ ସାମନ୍ତରାୟ ଏବଂ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଦ୍ୱାରା କାବିଲ୍, ଆଇଏମ୍‌ଏମ୍‌ଟିର ବିଭିନ୍ନ ବୈଷୟିକ ଜ୍ଞାନ କୌଶଳ ଏବଂ ସେବା ସମୂହକୁ ଉପଯୋଗ କରିପାରିବ। ଧାତବ ପରୀକ୍ଷଣ କାର୍ଯ୍ୟ-ଯୋଜନାଗୁଡ଼ିକର ଡିଜାଇନ୍ ଏବଂ ବିଶ୍ଳେଷଣ, ପ୍ରସେସ ଫ୍ଲୋ ସିଟ୍ ଗୁଡ଼ିକର ବିକାଶ ଏବଂ ସମୀକ୍ଷା, ଖଣିଜ ପଦାର୍ଥ ପ୍ରକ୍ରିୟାକରଣ ନିମନ୍ତେ ପ୍ରକ୍ରିୟା ପ୍ରଯୁକ୍ତିର ଚୟନ, ବେନେଫିସିଏସନ ଏବଂ ଧାତୁ ଉତ୍ତୋଳନ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ।

## ଟାଟା ଏଆଇଏ ପକ୍ଷରୁ ହ୍ୱାଟ୍ସଆପ୍‌ରେ ଶିଳ୍ପ ପ୍ରଥମ ପେମେଣ୍ଟ ସମାଧାନର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୪(ସମିସ):** ଭାରତର ଅଗ୍ରଣୀ ଜୀବନ ବୀମା କମ୍ପାନୀ ଟାଟା ଏଆଇଏ ପକ୍ଷରୁ ହ୍ୱାଟ୍ସଆପ୍‌ରେ ପ୍ରିମିୟମ୍ ପେମେଣ୍ଟ ସେବାର ଶୁଭାରମ୍ଭ କରାଯାଇଛି। ବୀମା କ୍ଷେତ୍ରର ପ୍ରଥମ କମ୍ପାନୀ ଭାବେ ଟାଟା ଏଆଇଏ ଏହି ସେବାର ଶୁଭାରମ୍ଭ କରିଛି। ପୂର୍ବରୁ କେବଳ ୟୁପିଆଇରେ ସୀମିତ ଥିବା ବେଳେ ଏବେ ଟାଟା ଏଆଇର ଗ୍ରାହକମାନେ ହ୍ୱାଟ୍ସଆପ୍‌ରେ ବିଭିନ୍ନ ପେମେଣ୍ଟ ମାଧ୍ୟମ ବ୍ୟବହାର କରିପାରିବେ। ଗ୍ରାହକମାନେ ହ୍ୱାଟ୍ସଆପ୍‌କୁ ବ୍ୟବହାର କରି କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଓ ନେଟ୍ ବ୍ୟାଙ୍କିଙ୍ଗ ଜରିଆରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ପୂର୍ବରୁ ଏହି ସୀମା ୨ ଲକ୍ଷ ଟଙ୍କା ଥିଲା। ୨୦୨୩ ଜୁନ୍‌ରେ ଟାଟା ଏଆଇଏ ପକ୍ଷରୁ ହ୍ୱାଟ୍ସଆପ୍ ଓ ୟୁପିଆଇ ପେମେଣ୍ଟ ବିକଳ୍ପ ଜରିଆରେ ଶିଳ୍ପର ପ୍ରଥମ ଡିଜିଟାଲ୍ ପେମେଣ୍ଟ ସୁବିଧାର ଶୁଭାରମ୍ଭ କରାଯାଇଥିଲା।

## ଟିପିସିଓଡିଏଲ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା




**ଭୁବନେଶ୍ୱର,୧୦।୪(ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଜୀବନର ସମସ୍ତ କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରାଥମିକତା ଦେବାର ଗୁରୁତ୍ୱ ଉପରେ ଆଲୋକପାତ କରିଛି। ୨୦୨୪ରେ ଡବ୍ଲ୍ୟୁଏଚ୍‌ଓର ୭୬ତମ ବାର୍ଷିକୀ ପାଳନ କରାଯାଉଛି ଏବଂ ଏହି ଉତ୍ସବର ଏକ ଅଂଶ ଭାବେ ଡବ୍ଲ୍ୟୁଏଚ୍‌ଓ 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାରକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୪ର ବିଷୟବସ୍ତୁ ଭାବେ ଚୟନ କରିଛି ଯାହା ମୌଳିକ ମାନବିକ ଅଧିକାର-ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ସୂଚନାର ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରୁଛି। ୨୦୨୩-୨୪ରେ ଟିପିସିଓଡିଏଲ୍ ପକ୍ଷରୁ ୧୭ଟି ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଭୁବନେଶ୍ୱର ୧, ଭୁବନେଶ୍ୱର ୨, କଟକ ଓ ଢେଙ୍କାନାଳ ଭଳି କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯାଇ ମୋଟ ୩୭୯ ଜଣ କର୍ମଚାରୀ ଏହି ଅତ୍ୟାବଶ୍ୟକ ତାଲିମରୁ ଉପକୃତ ହୋଇଥିଲେ। ୧୭୭୪ଟି ଗ୍ରାମ ପଞ୍ଚାୟତ, ୨୬୨୭ଟି ଗ୍ରାମ ଏବଂ ୧,୧୨,୩୦୨ ଜଣ ଲୋକଙ୍କୁ ମିଶାଇ ବହୁ ସଂଖ୍ୟକ ହିତାଧିକାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଯୋଗାଇବାରେ ଏହି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

# ଷ୍ଟାର୍ଟଅପ୍‌ରେ ମାନ୍ଦାବସ୍ଥା: ୟୁନିକର୍ଣ୍ଣ ମାନ୍ୟତା ହରାଇଲା ବାଇଜୁସ୍

### ୧୧୨ରୁ ଦେଶରେ ଆଉ ରହିଲେ ୬୭ ୟୁନିକର୍ଣ୍ଣ

### ବାଇଟ୍‌ଡ୍ୟାନ୍ସ ବିଶ୍ୱର ଏକ ନମ୍ବର ଷ୍ଟାର୍ଟଅପ୍

ନୂଆଦିଲ୍ଲୀ,୧୦।୪(ଏଜେନ୍ସି)







ଷ୍ଟାର୍ଟଅପ୍‌ଙ୍କୁ ଘାରିଛି ମାନ୍ଦାବସ୍ଥା ଚିନ୍ତା। ସମ୍ପ୍ରତି ଦେଶର ଷ୍ଟାର୍ଟଅପ୍‌ଗୁଡ଼ିକ ଘୋର ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଭାରତରେ ମୋଟ ୟୁନିକର୍ଣ୍ଣ କମ୍ପାନୀ ସଂଖ୍ୟା ୧୧୨ ରହିଛି। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ହୁରୁନ୍ ଗ୍ଲୋବାଲ୍ ୟୁନିକର୍ଣ୍ଣ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଭାରତରେ ୟୁନିକର୍ଣ୍ଣ କମ୍ପାନୀ ସଂଖ୍ୟା ଆଗାମୀ ଦିନରେ ୬୭ କୁ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ୨୦୧୭ପରଠାରୁ ପ୍ରଥମ ଥର ପାଇଁ ଦେଶରେ ୟୁନିକର୍ଣ୍ଣ ସଂଖ୍ୟା ହ୍ରାସ ପାଇଛି। ଇତିମଧ୍ୟରେ ଏଡୁଟେକ୍ କମ୍ପାନୀ ତଥା ଦେଶର ସବୁଠାରୁ ନାମୀ ୟୁନିକର୍ଣ୍ଣ କମ୍ପାନୀ ବାଇଜୁସ୍ ତା'ର ୟୁନିକର୍ଣ୍ଣ ମାନ୍ୟତା ହରାଇଛି। ବର୍ଷ ପୂର୍ବେ, ବିଜୁଙ୍କ ମୂଲ୍ୟ ୨୨ ବିଲିୟନ ଡଲାରରୁ ଅଧିକ ଥିଲା, କିନ୍ତୁ ବର୍ତ୍ତମାନ ଏହାର ମୂଲ୍ୟ ହ୍ରାସ ପାଇ 1 ବିଲିୟନ ଡଲାରରୁ କମ୍ ହୋଇଛି। ବାଇଜୁସ୍‌ର ମୂଲ୍ୟରେ ବୃହତ୍ ହ୍ରାସ ହେଉଛି ବିଶ୍ୱର ଯେ କୌଣସି ଷ୍ଟାର୍ଟଅପ୍‌ରେ ସବୁଠାରୁ ବଡ ପତନ।

ୟୁନିକର୍ଣ୍ଣ କମ୍ପାନୀ ସଂଖ୍ୟା ଦୃଷ୍ଟିରୁ ଆମେରିକା ବିଶ୍ୱରେ ଶୀର୍ଷରେ ରହିଛି। ଆମେରିକୀୟ କମ୍ପାନୀ ଟିକ୍‌ଟକ୍‌ର ମୂଳ କମ୍ପାନୀ ବାଇଟ୍‌ଡ୍ୟାନ୍ସ ବିଶ୍ୱର ଏକ ନମ୍ବର ଷ୍ଟାର୍ଟଅପ୍। ଆମେରିକାରେ ସର୍ବାଧିକ ୭୦୩ଟି ୟୁନିକର୍ଣ୍ଣ ରହିଛି। ଗତ ଚାରି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଭାରତରେ ୟୁନିକର୍ଣ୍ଣ କମ୍ପାନୀ ସଂଖ୍ୟା ହ୍ରାସ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୧ ବିଲିୟନ ଡଲାର (୮,୩୦୦ କୋଟି ଟଙ୍କା) କିମ୍ବା ତା'ଠାରୁ ଅଧିକ ମୂଲ୍ୟର ଷ୍ଟାର୍ଟଅପ୍‌ଗୁଡ଼ିକୁ ୟୁନିକର୍ଣ୍ଣ କୁହାଯାଏ। ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ସାରା ବିଶ୍ୱରେ ୪୨ଟି ଷ୍ଟାର୍ଟଅପ୍ ୟୁନିକର୍ଣ୍ଣ କ୍ଲବରୁ ବାହାର ହୋଇଯାଇଛନ୍ତି। ଏହାର ଅର୍ଥ ହେଉଛି ଯେ ଏହି ଷ୍ଟାର୍ଟଅପ୍ କମ୍ପାନୀଗୁଡିକର ବଜାର ମୂଲ୍ୟ ୮,୩୦୦ କୋଟି ଟଙ୍କାରୁ କମ୍ ରହିଥିଲା। ଆମେରିକାରେ ସର୍ବାଧିକ ୨୧ ୟୁନିକର୍ଣ୍ଣ ଏହି କ୍ଲବ୍‌ରୁ ବାହାର ହୋଇଛନ୍ତି। ଚାଇନାରେ ମଧ୍ୟ ୧୧ ଟି ଷ୍ଟାର୍ଟଅପ୍ ୟୁନିକର୍ଣ୍ଣ କ୍ଲବରୁ ବାଦ ପଡିଛନ୍ତି। ସୂଚକାଙ୍କ ଅନୁଯାୟୀ, ୭୦୩ ୟୁନିକର୍ଣ୍ଣ ସହିତ ଆମେରିକା ଶୀର୍ଷରେ ଏବଂ ୨୪୦ ୟୁନିକର୍ଣ୍ଣ ସହ ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି। ସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ଏହି ସୂଚକାଙ୍କରେ ସେହି ଅଣ-ତାଲିକାଭୁକ୍ତ କମ୍ପାନୀଗୁଡିକ (ୟୁନିକର୍ଣ୍ଣ) ଅନ୍ତର୍ଭୁକ୍ତ, ଯାହା ୨୦୦୦ ଦଶକରେ ପ୍ରତିଷ୍ଠିତ ହୋଇଥିଲା। ଭାରତୀୟମାନେ ଦେଶ ବାହାରେ ୧୦୯ଟି ୟୁନିକର୍ଣ୍ଣ ଆରମ୍ଭ କରିଥିଲେ। ହୁରାନ ଇଣ୍ଡିଆର ମୁଖ୍ୟ ଗବେଷକ ଅନାସ ରେହମାନ ଜୁନାଦ କହିଛନ୍ତି ଯେ ୧୪୫୩ ୟୁନିକର୍ଣ୍ଣ ତାଲିକାରେ ଥିବା ଭାରତୀୟ ୟୁନିକର୍ଣ୍ଣଗୁଡିକ ସଂଖ୍ୟାରେ ହ୍ରାସ ଇକ୍ୱିଟି ଇଣ୍ଡେକ୍ସରେ ଲାଭ ସତ୍ତ୍ୱେ ଷ୍ଟାର୍ଟଅପରେ ବିନିଯୋଗ ଅଭାବରୁ ହୋଇଛି।

ଖାଦ୍ୟ ବିତରଣକାରୀ ପ୍ଲାଟଫର୍ମ ସ୍ୱିଗି ଏବଂ ଫାଣ୍ଟାସି କମ୍ପାନୀ ଡ୍ରିମ୍ ୧୧ ହେଉଛି ଭାରତର ସର୍ବାଧିକ ମୂଲ୍ୟବାନ ଷ୍ଟାର୍ଟଅପ୍। ଉଭୟ କମ୍ପାନୀର ମୂଲ୍ୟ ୮ ବିଲିୟନ ଡଲାର, ଅର୍ଥାତ୍ ପ୍ରାୟ ୬୬.୫୭ ହଜାର କୋଟି ଟଙ୍କା। ଏହାପଛକୁ ରୋଜରପାଇ ଯାହାର ମୂଲ୍ୟ ୭.୫ ବିଲିୟନ ଡଲାର, ଅର୍ଥାତ୍ ପ୍ରାୟ ୬୨.୪୧ ହଜାର କୋଟି ଟଙ୍କା। ସ୍ୱିଗି ଏବଂ ଡ୍ରିମ୍ ୧୧ ବିଶ୍ୱରେ ୟୁନିକର୍ଣ୍ଣ କ୍ଷେତ୍ରରେ ୮୩ ତମ ସ୍ଥାନରେ ରହିଥିବାବେଳେ ରୋଜରପାଇ ୯୪ତମ ସ୍ଥାନରେ ରହିଛି। ବାଇଟ୍‌ଡ୍ୟାନ୍ସର ବଜାର ମୂଲ୍ୟ ୨୨୦ ବିଲିୟନ ଡଲାର, ଅର୍ଥାତ୍ ପ୍ରାୟ ୧୬.୬୪ ଲକ୍ଷ କୋଟି ଟଙ୍କା। ଏହାପଛକୁ ଏଲୋନ୍ ମସ୍କଙ୍କ ସ୍ପେସ୍ ଏକ୍ସ ମୂଲ୍ୟ ୧୮୦ ବିଲିୟନ ଡ଼ଲାର୍ ଏବଂ ମାଇକ୍ରୋସଫ୍ଟ-ନିବେଶିତ ଷ୍ଟାର୍ଟଅପ୍ ଓପନ୍‌ଏଆଇ ମୂଲ୍ୟ ୧୦୦ ବିଲିୟନ ଡ଼ଲାର୍ ରହିଛି।

**ବିଶ୍ୱର ଶ୍ରେଷ୍ଠ ୫ ୟୁନିକର୍ଣ୍ଣ**

| ର୍ୟାଙ୍କ | କମ୍ପାନୀ | ମୂଲ୍ୟ (ଲକ୍ଷ କୋଟି ଟଙ୍କାରେ) |
|---|---|---|
| ୧ | ବାଇଟ୍‌ଡ୍ୟାନ୍ସ | ୧୬.୬୪ |
| ୨ | ସ୍ପେସ୍‌ଏକ୍ସ | ୧୪.୯୮ |
| ୩ | ଓପନ୍‌ଏଆଇ | ୮.୩୨ |
| ୧ | ଆଣ୍ଟ ଗ୍ରୁପ | ୬.୬୫ |
| ୧ | ବାଇଟ୍‌ଡ୍ୟାନ୍ସ | ୫.୪୦ |

